ପିଲାଙ୍କ
କାହାଣୀ

ପିଲାଙ୍କ କାହାଣୀ

ଲେଖକ

ଶ୍ରୀ ପ୍ରାଣକୃଷ୍ଣ ମହାପାତ୍ର

ଦ୍ୱିତୀୟ ମୁଦ୍ରଣ ୧୯୭୮

ପ୍ରକାଶକ ।

ଜେ. ମହାପାତ୍ର ଏଣ୍ଡ କୋ.

ଛାତ୍ରସାଥୀ ଅଫିସ

ନିମଚଉଡି, କଟକ-୨

Digitalization by :-

Deb's Library Corner...

At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :-https://t.me/debslibrarycorner

ମୂଲ୍ୟ ଟ ୬-୦୦

ସୂଚୀ

ବିଷୟ	ପୃଷ୍ଠା
୧ । ବିଲୁଆ ବୁଦ୍ଧିରେ ତେଲି ମଲା	୧
୨ । ଲୋଭର ପରିଣାମ	୫
୩ । ରାଣୀଙ୍କର ଗର୍ବ	୯
୪ । ଅତି ଲୋଭରେ ତନ୍ତି ମରେ	୧୩
୫ । ଭାଗ୍ୟର ପରିବର୍ତ୍ତନ	୧୬
୬ । ନ୍ୟାୟ ବିଚାର	୨୧
୭ । କଣାର ଚତୁରତା	୨୪
୮ । ଯେ ପ୍ରାଣୀ ପାଞ୍ଚେ ପର ମନ୍ଦ ତା ମନ ପାଞ୍ଚନ୍ତି ଗୋବିନ୍ଦ	୨୮
୯ । ସଭିଏ ଚୋର	୩୩
୧୦ । ବ୍ରାହ୍ମଣକୁ ସିଂହାସନ ଅଡୁଆ	୩୭
୧୧ । ଗଉଡୁଣୀର ଗଙ୍ଗା ପାରି	୪୧
୧୨ । ଗୁଣ ଅନୁସାରେ କାମ	୪୪

Paper used for the printing of this book was made available by the Govt. of India at the concessional rate.

କଲୁଆ ବୁଦ୍ଧିରେ ତେଲ ମଲା

ଜଣେ ସୌଦାଗର ଥରେ ବେପାର କରିବା ଲାଗି ବିଦେଶକୁ ଯାଇଥିଲେ । ଯାହା ସବୁ ମାଲମତା ସେ ନେଇଥିଲେ ସେସବୁ ବିକି ବହୁତ ଲାଭ କଲେ । ଜିନିଷପତ୍ର ସରିଯିବାରୁ ନିଜ ଦେଶକୁ ଫେରି ଆସିବା ଲାଗି ପ୍ରସ୍ତୁତ ହେଲେ । ସେହି ସବୁ ଦେଶରୁ ନୂଆ ନୂଆ ଭଲ ଭଲ ଜିନିଷ ନିଜ ପାଇଁ ଏବଂ ପିଲାମାନଙ୍କ ପାଇଁ କିଛି କିଣି ନିଜ ରାଜ୍ୟକୁ ଫେରିଲେ । ସେତେବେଳେ ଆଜିକାଲି ପରି ରେଳଗାଡ଼ି, ମଟର ବସ ସବୁ ନଥିଲା । ଲୋକମାନେ ବଳଦଗାଡ଼ି, ଘୋଡ଼ା ଆଦିରେ ବସି ଯିବା ଆସିବା କରୁଥିଲେ । ସୌଦାଗରର ଗୋଟିଏ ଘୋଡ଼ା ଥିଲା । ସେ ଘୋଡ଼ାରେ ବସି ବେପାର କରିବାକୁ ଯାଉଥିଲେ ।

ବେପାର ବଣିଜ ସରିଲା । ସୌଦାଗର ଘୋଡ଼ାଟି ସଜକରି ତା ଉପରେ ବସି ଘରକୁ ଫେରିଲେ । ମନ ତାଙ୍କର ଉଚ୍ଚାଟ ହେଉଥାଏ । ଘରେ କିପରି ଚଞ୍ଚଳ ପହଞ୍ଚିବେ । ସେଥିପାଇଁ ଘୋଡ଼ାକୁ ଖୁବ୍ ବେଗରେ ଛୁଟାଇଥାନ୍ତି । ବାଟ ତ ଅଳ୍ପ ନୁହେଁ । ଘରେ ପହଞ୍ଚିବାକୁ ତାଙ୍କୁ ପାଞ୍ଚ ଛ'ଦିନ ଲାଗିଯିବ । ପାଞ୍ଚ ଛ'ଦିନ କାଳ ତାଙ୍କୁ ଗୋଟାଏ ଗୋଟାଏ ଯୁଗପରି ଲାଗୁଥାଏ । ଏହିପରି ଆସୁ ଆସୁ ବାଟରେ ତିନିଦିନ କଟିଗଲା । ଯେଉଁଠି ରାତି ହୁଏ ସେହି ପାଖାପାଖି ଗାଁରେ କିମ୍ବା ସହରରେ ରହିଯାନ୍ତି । ପୁଣି ସକାଳୁ ଚାଲନ୍ତି ।

ଚତୁର୍ଥଦିନ ସେ ଆସିଲାବେଳେ ବାଟରେ ଗୋଟାଏ ହାଟ ପଡ଼ିଲା । ହାଟରେ ପହଞ୍ଚିଲା ବେଳକୁ ଦି'ପହର ବେଳ ହୋଇଗଲାଣି । ଏଣେ ମଧ୍ୟ ତାଙ୍କୁ ଭୋକ ହେଲାଣି । ଘୋଡ଼ା ମଧ୍ୟ ହାଲିଆ ହୋଇ ପଡ଼ିଲାଣି । ସୌଦାଗର ଘୋଡ଼ାରୁ ଓହ୍ଲାଇ ଘୋଡ଼ାଟିକୁ ହାଟର ଗୋଟିଏ ଗଛମୂଳେ ବାନ୍ଧିଦେଇ ହାଟ ଭିତରକୁ ଗଲେ । ଗୋଟିଏ ଜଳଖିଆ ଦୋକାନରୁ କିଛି ଜଳଖିଆ କିଣି ଖାଇଲେ । ଘୋଡ଼ାକୁ ଦାନା ଖାଇବାକୁ ଦେଲେ । ତାପରେ ହାଟ ବୁଲିବାକୁ ଗଲେ । ହାଟରେ ବୁଲୁ ବୁଲୁ ଦେଖିଲେ ଜଣେ ଲୋକ ଆମ୍ବ ବିକୁଛି । ପାଚିଲା ଆମ୍ବ ଦେଖି ସୌଦାଗରର ଲୋଭ ହେଲା । ପିଲାଙ୍କ ପାଇଁ କିଛି ଆମ୍ବ ନେବେ । ଆମ୍ବ ଦେଖିଲେ ପିଲାମାନେ ଭାରି ଖୁସି ହେବେ । ଏହା ଭାବି କିଛି ଆମ୍ବ

କିଣିଲେ । ଆମ୍ବତକ ଗମୁଣ୍ଡା କାନିରେ ବାନ୍ଧି ଘୋଡା ପାଖକୁ ଆସିଲେ । ଜିନିଷପତ୍ର ଘୋଡା ପିଠିରେ ଲଦି ଘୋଡାରେ ବସି ଚାଲିଲେ । ସେ ଯେଉଁ ବାଟେ ଯାଉଥାନ୍ତି ସେ ବାଟ ପାଚିଲା ଆମ୍ବ ବାସନାରେ ମହକି ଯାଉଥାଏ ।

ସୌଦାଗର ହାଟଠାରୁ ବାଟ ଦୁଇ ମାଇଲ ଯିବାପରେ ଗୋଟିଏ ଜଙ୍ଗଲ ପଡିଲା । ଦି'ପାଖେ ଜଙ୍ଗଲ, ମଝିରେ ରାସ୍ତା । ସେତେବେଳକୁ ବେଳ ରତରତ ହେଲାଣି । ଆମ୍ବ ବାସନା ପାଇ ଗୋଟିଏ ବିଲୁଆ ବାହାରି ଘୋଡା ପଛେ ପଛେ ଦୌଡିଲା । ବିଲୁଆର ମନ କିପରି ଆମ୍ବ ଖାଇବ । ବିଲୁଆଟି ଘୋଡା ଆଗକୁ ବାହାରିଯାଇ ସୌଦାଗରକୁ ଗୋଟାଏ ସଲାମ ପକାଇଲା । ବିଲୁଆର ଏ ଘଟଣା ଦେଖି ସୌଦାଗର ଘୋଡାକୁ ଅଟକାଇଲେ । ବିଲୁଆଟି ସୌଦାଗରକୁ କହିଲା, ଭାଇ, ତୁମ୍ଭେ ଯେଉଁ ଆମ୍ବ ନେଉଛ ସେଥିରୁ ମୋତେ ଗୋଟାଏ, ଦିଟା ଦିଅ । ମୁଁ ଖାଇବି । ମୋର ଭାରି ଲୋଭ ହେଉଛି । ସେଇଥିପାଇଁ ତୁମ ପଛେ ପଛେ ଏତେ ବାଟ ଦୌଡିଲିଣି ।

ବିଲୁଆର ଆମ୍ବଖିଆ କଥା ଶୁଣି ସୌଦାଗର ହସିଲେ ଏବଂ କହିଲେ, "ଯା । ଯା । ମୁଁ ମୋ ପିଲାଙ୍କ ପାଇଁ ଆମ୍ବ ନେଉଛି, ସେଥିରୁ ପୁଣି ତୋତେ ଗୋଟେ ଦେବି ? ତୁ ଜାତିରେ ଗୋଟାଏ ବିଲୁଆ । ତୋର ପୁଣି ଆମ୍ବ ଖାଇବାକୁ ଭାରି ମନ ତ ? ଯା, ଯା, ମୋ ଆଗରୁ ପଳା । ନଇଲେ ଏହି ଚାବୁକରେ ତୋ ପିଠିରୁ ଛାଲ ବାହାର କରିଦେବି । ଏହା କହି ସୌଦାଗର ଘୋଡା ଦୌଡାଇଲେ । ବିଲୁଆର ତ ଆମ୍ବ ଖାଇବାକୁ ମନ ଲାଗିଛି । ସେ ବହୁତ କାକୁତି ମିନତି ହୋଇ ଆମ୍ବଟିଏ ଖାଇବା ପାଇଁ ସୌଦାଗର ପଛେ ପଛେ ପୁଣି ଦୌଡିଲା । ସୌଦାଗର କାହିଁକି ଟିକିଏ ଶୁଣିବ । ସେ ଘୋଡାକୁ ଆହୁରି ବେଗରେ ଦଉଡାଇ ଚାଲିଲେ । ବିଲୁଆ ଶେଷରେ ହତାଶ ହୋଇ କହିଲା, "ହେ ଭାଇ, ଏତେ କାକୁତି ମିନତି ହେଲି, ଗୋଟାଏ ଆମ୍ବ ଦେଲୁ ନାହିଁ । ଗୋଟାଏ ଆମ୍ବ ମୋତେ ଦେଇଥିଲେ ତୋର କ'ଣ ସରି ଯାଇଥାଆନ୍ତା ? ହଉ, ହଉ, ଏବେ ମୋ ସଲାମଟା ଫେରାଇଦେ ।" ସଉଦାଗର ବିଲୁଆ କଥା ଶୁଣି କହିଲେ, "ହଇରେ ଓଲୁ ସଲାମ କ'ଣ କିଏ କାହାକୁ ଫେରାଇ ଦିଏ ? ତତେ କ'ଣ ମୁଁ ସଲାମ ମାଗୁଥିଲି, ମୁଁ ତୋତେ ଫେରାଇଦେବି । ଏହା କହି ଘୋଡା ଦଉଡାଇ ଚାଲିଗଲେ । ବିଲୁଆ ଶେଷରେ କହିଲା, "ହଉ, ହଉ, ଆଚ୍ଛା ଯାଅ ଭାଇ, ଆମ୍ବ ତ ଦେଲୁ ନାହିଁ କି ମୋ ସଲାମଟା ଫେରାଇ ଦେଲୁ ନାହିଁ । କେତେବେଳେ ହେଲେ ମୁଁ ତୋ ଠାରୁ ଶହେ ସଲାମ ଆଦାୟ କରିବି ।" ଏହା କହି ବିଲୁଆ ବଣ ଭିତରକୁ ଦୌଡି ପଳାଇଲା ।

ଏହି ସମୟରେ ସନ୍ଧ୍ୟା ହୋଇଗଲା । ଜଙ୍ଗଲ ଶେଷରେ ଗୋଟିଏ ଗାଁ ଥିଲା । ସୌଦାଗର ସେହି ଗାଁରେ ରାତିଟା କଟାଇ ଦେବା ଲାଗି ଗାଁ ଭିତରକୁ ଗଲେ । ଗାଁ ମୁଣ୍ଡରେ ଗୋଟିଏ ତେଲୀଘର । ତା ଘର ଆଗରେ ଗୋଟିଏ ତେଲଘଣା ଥିଲା । ସୌଦାଗର ଘୋଡାରୁ ଓହ୍ଲାଇ ଘୋଡାଟିକୁ ତେଲଘଣା ପିଣ୍ଡିରେ ବାନ୍ଧିଦେଲେ । ନିଜେ ତେଲୀଘର ଦାଣ୍ଡ ବାରଣ୍ଡାରେ ବସିଲେ । ତାଙ୍କ ପାଖରେ ଯାହା ଖାଇବା ଜିନିଷ ଥିଲା, ସେତକ ଖାଇଲେ । ଘୋଡାକୁ ଦାନାପାଣି ଦେଲେ । ବିଛଣା ପକାଇ ସେହି

ବାରଣ୍ଡାରେ ଶୋଇପଡ଼ିଲେ । ଦିନଯାକ ଘୋଡ଼ାରେ ବସି ବସି ସୌଦାଗର ତ ଢାଳିଆ ହୋଇ ପଡ଼ିଥିଲେ । ଶେଯରେ ପଡ଼ୁ ପଡ଼ୁ ନିଦ ହୋଇଗଲା ।

ତେଲୀ ଘର ବାହାରକୁ ଆସି ଦେଖିଲା, ଜଣେ ବାଟୋଇ ତା ପିଣ୍ଡାରେ ଶୋଇଛି । ଗୋଟାଏ ଘୋଡ଼ା ଘଣା ପିଣ୍ଡରେ ବନ୍ଧା ହୋଇଛି । ବାଟୋଇର ଘୋଡ଼ା ବୋଲି ସେ ଜାଣିଲା । ସୌଦାଗର ତ ନିଘୋଡ଼ ନିଦରେ ଶୋଇଥିଲେ । ତେଲୀ ତାଙ୍କୁ ଆଉ ନ ଉଠାଇ ଘରକୁ ଯାଇ ଖାଇ ପିଇ ଶୋଇଲା ।

ରାତି ପାହା ପାହା ହେଲାବେଳକୁ ସୌଦାଗରର ନିଦ ଭାଙ୍ଗିଲା । ସେ ତାଙ୍କର ଜିନିଷପତ୍ର ବନ୍ଧାବନ୍ଧି କରି ଘୋଡ଼ା ପିଠିରେ ଲଦିଲେ । ଘୋଡ଼ାକୁ ଫିଟାଇ ଯେତେବେଳେ ଯିବାକୁ ବାହାରିଲେ, ତେଲୀ ଘର ଭିତରୁ ଆସି କହିଲା, ହେ, ହେ, ବାଟୋଇ, ଘୋଡ଼ାଟିକୁ ନେଇ କୁଆଡ଼େ ବାହାରିଲଣି ? ସେ ଘୋଡ଼ା ଟା କ'ଣ ତୁମ୍ଭର ?

ସୌଦାଗର ବିଚରା ତେଲୀ କଥା ଶୁଣି ଆବାକାବା । ବିଦେଶ ଜାଗା-- କ'ଣ କହିବ ? ଭୟରେ ସୌଦାଗର କହିଲେ--ଏ ଘୋଡ଼ାଟା ପରା ମୋର । ମୁଁ କାଲି ରାତିରେ ଏଠାରେ ବାନ୍ଧି ଶୋଇଥିଲି ।

ତେଲୀ ରାଗିଯାଇ କହିଲା, ହଇରେ –ଏ ଘୋଡ଼ା ତୋର ? ମୋ ଘଣା ତ କାଲି ରାତିରେ ଏ ଘୋଡ଼ାଟାକୁ ଜନ୍ମ କରିଛି ? ଆଉ ତୋର ଏ ଘୋଡ଼ା କିପରି ହେଲା ? ଏହିପରି ଦୁଇଜଣ କଥାବାର୍ତ୍ତା ହେଉ ହେଉ, ଘଟଣା ଜାଣିବା ଲାଗି ଗାଁର ଆଉ କେତେ ଲୋକ ଜମା ହୋଇଗଲେ । ତେଲୀ କହିଲା, ଏ ଘୋଡ଼ା ମୋର । ସୌଦାଗର କହିଲା, ଏ ଘୋଡ଼ା ମୋର । ଶେଷରେ ଗାଁର ଜଣେ ମୁଖିଆ ଲୋକ କହିଲେ-- ଦେଖ ସୌଦାଗର-ତୁମେ ତ ହେଲ ବିଦେଶୀ । ତୁମର ଘୋଡ଼ା ବୋଲି ଯଦି ଠିକ୍ ପ୍ରମାଣ ଦେଇପାରିବ ତେବେ ଯାଇ ଏକଥା ଛିଡ଼ିବ ।

ସୌଦାଗର ମନେ ମନେ ଭାବିଲେ, ଏ ତ ଅଛା ନ୍ୟାୟ । ମୋର ଘୋଡ଼ା ବୋଲି ମୁଁ କେଉଁଠୁ ପ୍ରମାଣ ଆଣିବି ? କିଏ ବା ଏଠାରେ ମୋ ପାଇଁ କହିବ ? ଏହି ସମୟରେ ତାଙ୍କର ମନେ ପଡ଼ିଗଲା, ସେ ଘୋଡ଼ାରେ ବସି ଆସୁଥିଲାବେଳେ ବିଲୁଆ ତ ଦେଖିଥିଲା । ଯାଉଛି ତାକୁ ଧରି ଆଣିବି । ଏହା ଭାବି ସେ ବିଲୁଆ ପାଖକୁ ଦୌଡ଼ିଲେ । ବାଟରେ ଗଲାବେଳେ ଭାବିଲେ, ବିଲୁଆ ତ ଏତେ କାକୁତି ମିନତି ହୋଇ ଆମ୍ବଟିଏ ମାଗିଥିଲା. ମୁଁ ତାକୁ ଆମ୍ବଟିଏ ଦେଇ ନଥିଲି । ସେ କ'ଣ ମୋ କଥା ଆଉ ଶୁଣିବ ? ହଉ ସେ ସିନା ଗୋଟାଏ ଆମ୍ବ ମାଗୁଥିଲା, ଦେଲି ନାହିଁ, ଏଥର ସବୁଯାକ ଆମ୍ବ ପଛେ ଦେବି, ଘୋଡ଼ାଟି କିପରି ହେଲେ ପାଇବି । ଏହା ଭାବି ଭାବି ବିଲୁଆ ପାଖରେ ଯାଇ ପହଞ୍ଚିଲା । ବିଲୁଆ ସେତେବେଳକୁ ତା ଗାତରେ ଶୋଇଥିଲା । ସୌଦାଗରଙ୍କୁ ଦେଖି ଉଠି ବସିଲା ଏବଂ ସୌଦାଗରଙ୍କୁ ପଚାରିଲା, ଭାଇ, ସକାଳୁ, ସକାଳୁ କୁଆଡ଼େ ଆସିଲ ?

ସୌଦାଗର ବିଲୁଆକୁ ସଲାମଟାଏ ପକାଇ ଦେଇ, ଆମ୍ବ ଥଳିଟିକୁ ବିଲୁଆକୁ ବଢ଼ାଇଦେଲେ । ବିଲୁଆ ଆଗ ସେଥିରୁ ଦୁଇ, ଚାରିଟା ଆମ୍ବ ଖାଇ ଦେଇ ତାର ଆଶା ମେଣ୍ଟାଇଲା । ତାପରେ ସୌଦାଗରଠାରୁ ସବୁ କଥା ଶୁଣିଲା । ବିଲୁଆ କଥା ତ ଚିହ୍ନିଲା ।

ଆମ୍ବକୁ ଆମ୍ବ ଖାଇଲା । ଗୋଟାଏ ସଲାମ ବଦଳରେ ଶହେ ସଲାମ ପାଇଲା । ଏଥର ଖୁସି ହୋଇ କହିଲା, ଏଇ କଥା ତ ଚାଲ ଯିବା । ତେଲୀର କେତେ ଅକଲ ଦେଖିବା ।

ଏହା କହି ବିଲୁଆ ସୌଦାଗର ପଛେ ପଛେ ଆସି ତେଲୀ ଦୁଆରେ ପହଞ୍ଚିଲା । ସେତେବେଳକୁ ତେଲୀ ଘଣାରେ ତେଲ ପେଡ଼ୁଥିଲା । ବିଲୁଆ କିଛି କଥାବାର୍ତ୍ତା ନ କରି ତେଲୀ ବାରଣ୍ଡାକୁ ଉଠିଗଲା । ବାରଣ୍ଡା ଉପରେ ବସି ଘୁମାଇଲା । ତେଲୀ କହିଲା--ହେ, ବିଲୁଆ ଭାଇ, ତୁମ୍ଭେ ଆସୁ ଆସୁ କ'ଣ ଘୁମାଇ ପଡ଼ିଲଣି ? କାଲି ରାତିରେ କ'ଣ ଶୋଇ ନଥିଲ କି ? ଏଣେ ବିଚରା ସୌଦାଗର ତୁମକୁ ସାକ୍ଷୀ କରି ଆଣିଛି; ତା କଥା ନ ବୁଝି ଆସି ଶୋଇପଡ଼ିଲ !

ବିଲୁଆ କ'ଣ ସତରେ ଶୋଇଥିଲା ! ସେ ଆଖି ମଳିମଳି କହିଲା ! କ'ଣ କରିବି ଭାଇ, କାଲି ସାରା ରାତି ଅନିଦ୍ରା । ଆମ ବଣରେ ଯେତେ-ସବୁ ଗାଡ଼ିଆ ପୋଖରୀ ଥିଲା ସେ ସବୁ ତ ତୁମ୍ଭେ ଦେଖିଥିଲ । ଆଉ ଆଜି କ'ଣ କେଉଁଥିରେ ହେଲେ ଟୋପେ ପାଣି ଅଛି ? କାଲି ରାତିରେ ସେ ସବୁରେ ନିଆଁ ଲାଗି ପାଣି ସବୁ ପୋଡ଼ି ଜଳି ପାଉଁଶ । ବଣର ଆମେ ଯେତେ ପଶୁ ଥିଲୁଁ ସମସ୍ତେ ସାରାରାତି ଲାଗି ନିଆଁ ଲିଭାଇବାରେ ଲାଗିଥିଲୁ । ନଇଲେ ଏ ବଣ କ'ଣ ଆଉ ଥାଆନ୍ତା ।

ବିଲୁଆ କଥା ଶୁଣି ତେଲୀ ହସି ହସି କହିଲା, ସତେ ତ ତୁମେ ସବୁ ବଣୁଆ ପଶୁ । ନଇଲେ ଏପରି କଥା କେଉଁଠୁ କହନ୍ତ ? ତୁମର ସବୁ କ'ଣ ବୁଦ୍ଧି ନା ଅକଲ ଅଛି । ହଇରେ-ପାଣିରେ କିପରି ନିଆଁ ଲାଗେ ? ଆଉ ନିଆଁ କିପରି ପାଣିକୁ ପୋଡ଼ି ପାଉଁଶ କରିବ । ପାଣି କ'ଣ କାଠ ନା ବାଉଁଶ ହୋଇଛି । ହଉ-ହଉ-ତୁ ଯାହା ସାକ୍ଷୀ ଦେବୁ ଜଣାପଡ଼ିଲାଣି !

ବିଲୁଆ ମୁରୁକି ହସା ଦେଇ କହିଲା, ତେଲୀ ଭାଇ, ତୁମ୍ଭେ ତ ହେଲ ମଣିଷ ଜାତି । ତୁମର ବ ବୁଦ୍ଧି ଅକଲ ଅଛି । ପାଣିରେ ନିଆଁ ଲାଗିବାଟା ଯେପରି ଗୋଟାଏ ଅସମ୍ଭବ କଥା ବୋଲି ତୁମ୍ଭେ ଭାବୁଛ-- ମୁଁ କାହିଁକି ଭାବିପାରୁ ନାହିଁ । ତୁମ୍ଭ ତେଲଘଣା ଯେବେ ରାତିକ ଭିତରେ ଘୋଡ଼ା ଜନ୍ମ କରି ପାରୁଛି--ପାଣିରେ କାହିଁକି ନିଆଁ ନ ଲାଗିବ ? ଏଠାରେ ତ ଏତେ ଗ୍ରାମବାସୀ ଅଛନ୍ତି । ସେମାନେ ଏହାର ବିଚାର କରନ୍ତୁ । ଯଦି ଭଲ ଗତି ଅଛି ସୌଦାଗରକୁ ତା ଘୋଡ଼ାଟା ଦେଇଦିଅ, ନଇଲେ ଏହି ବଣରେ ଯେତେ ପଶୁ ଅଛନ୍ତି ସମସ୍ତେ ଆସି ତୁମକୁ ଘେରାଉ କରିବେ । ସେତେବେଳେ ଯାଇ ବୁଝିବ ବିଲୁଆ ବୁଦ୍ଧିଆ କି ମଣିଷ ବୁଦ୍ଧିଆ ।

ବିଲୁଆର କଥା ଶୁଣି ତେଲୀର ଅକଲ ଗୁଡ଼ୁମ । ଆଉ ତା ମନରେ ଭୟ ହେଲା ଯଦି ବଣରୁ ସବୁ ପଶୁ ଆସିବେ ତେବେ ତାର ଜୀବନ ରହିବ ନାହିଁ । ଏହା ଭାବି ତେଲୀ ବିଚରା ସୌଦାଗରର ହାତ ଗୋଡ଼ ଧରି ତା ଘୋଡ଼ାଟିକୁ ଦେଇଦେଲା । ବିଚରା ସୌଦାଗର ଘୋଡ଼ାଟି ପାଇ ବିଲୁଆ ବୁଦ୍ଧିକୁ ବହୁତ ପ୍ରଶଂସା କଲେ । ବିଲୁଆକୁ ସଲାମଟିଏ ହୋଇ ସୌଦାଗର ଘୋଡ଼ା ନେଇ ଘରକୁ ଗଲା । ବିଲୁଆ ଆମ୍ବ ଖାଇ ଖୁସି ହେଲା । ତେଲୀ କାନମୁଣ୍ଡା ଆଉଁଷି ରହିଲା ।

—— ——

ଲୋଭର ପରିଣାମ

ଗୋଟିଏ ଗାଁରେ ବୁଢାବୁଢୀ ଦୁଇଜଣ ବାସ କରୁଥିଲେ । ବୁଢା-ଠାରୁ ବୁଢୀଟି ବୟସରେ ବଡ଼ । ତାଙ୍କର କୌଣସି ପୁଅ ଝିଅ ନଥିଲେ । ବୁଢାବୁଢୀ ଦିଜଣଙ୍କର ଆଦୌ ପଡେ ନାହିଁ । ବୁଢା ବୁଢୀ ହେଲେଣି, କିନ୍ତୁ ଦିନେ ହେଲେ ସେ ଦୁହିଁଙ୍କର ଝଗଡା ବନ୍ଦ ହୁଏ ନାହିଁ । କିଛି ନା କିଛି ଆଳ ଦେଖାଇ ବୁଢୀ ବୁଢାକୁ ଗାଳିଦିଏ । ସେଥିପାଇଁ ବୁଢା ମନରେ ସବୁବେଳେ ଦୁଃଖ । ପିଲା ଝିଲା ହେଲେ ଗୋଟାଏ ଦିଟା ଥାନ୍ତେ ତାହେଲେ ଏ ଝଗଡା ଏତେ ବେଶି ହୁଅନ୍ତା ନାହିଁ ବୋଲି ବୁଢା ମନେ ମନେ ଭାବେ ।

ବୁଢା ଗୋଟିଏ ଘରଚଟିଆ ଚଢେଇ ପୋଷିଥିଲା । ସେଇଟିକୁ ସେ ନିଜର ପୁଅ ପରି ଦେଖୁଥିଲା । କିନ୍ତୁ ବୁଢୀକୁ ଏଇଟା ଭଲ ଲାଗୁ ନ ଥିଲା । ଯେତେବେଳେ ବୁଢା ବୁଢୀଙ୍କର କଳି କଜିଆ ଲାଗେ, ବୁଢା କିଛି ନ କହି ଘରଚଟିଆ ପାଖକୁ ଚାଲିଯାଏ । ତା ସଙ୍ଗେ ଟିକିଏ ଖେଳି ଦେଲେ ବୁଢାର ମନବଦଳି ଯାଏ । ବୁଢାର ସୁଖ ଦୁଃଖର ସାଥୀ କେବଳ ସେହି ଘରଚଟିଆ ପକ୍ଷୀଟି ଥିଲା । ବୁଢା ଯେତେବେଳେ କାମ ଧନ୍ଦା ପାଇଁ ବାହାରକୁ ଚାଲିଯାଏ, ଘରଚଟିଆଟି ବୁଢୀ ଦାଉରୁ ରକ୍ଷା ପାଇପାରେ ନାହିଁ ।

ଦିନେ ବୁଢା ସକାଳୁ ଉଠି ବିଲ କାମକୁ ବାହାରିଗଲା । ବୁଢୀ ଲୁଗାପଟା ସବୁ ସଫାସୁତୁରା କରିବାରେ ଲାଗିଲା । ଲୁଗାପଟା ସଫା କରିସାରି ସେଥିରେ ମଣ୍ଡ ଦେଇ ଶୁଖାଇବ ବୋଲି ବୁଢୀ ଗୋଟିଏ ସରାରେ ମଣ୍ଡ ତିଆରି କଲା । କ'ଣ ଗୋଟାଏ କାମ ପାଇଁ ବୁଢୀ ମଣ୍ଡତକ ଥୋଇଦେଇ ଘର ଭିତରକୁ ଗଲା । ଏହି ସମୟରେ ଘର-ଚଟିଆଟି ଉଡିଆସି ମଣ୍ଡତକ ଖାଇଦେଲା । ବୁଢୀ ଘର ଭିତର କାମ ସାରି ଲୁଗାରେ ମଣ୍ଡ ଦେବାଲାଗି ଆସି ଦେଖିଲାବେଳକୁ ଘରଚଟିଆ ମଣ୍ଡତକ ଖାଇ ଦେଇଛି । ଦେଖ ବୁଢୀର ରାଗ । ଆଜି ବୁଢା ଥିଲେ ଭୀଷଣ ଝଗଡା ଲାଗିଥାନ୍ତା । ଦୈବ ଯୋଗକୁ ବୁଢା ତ ନାଇଁ । ବୁଢୀ ରାଗତକ ଘରଚଟିଆ ଉପରେ ଶୁଝିଲା । ବୁଢୀ କଣ କଲା ନା, ରାଗରେ ଘରଚଟିଆର ଜିଭ କାଟି ତାକୁ ବାହାରକୁ ଉଡାଇ ଦେଲା । ଘରଚଟିଆଟି ବିକଳରେ ପାଟି କରି କରି ଉଡି ପଳାଇଲା ।

ବୁଢା ବିଲରୁ କାମ ସାରି ଘରକୁ ଫେରିଲା । ଦେଖିଲା, ତା'ର ଘରଚଟିଆଟି ନାହିଁ । ପିଞ୍ଜରା ଖାଲି ପଡିଛି । ବୁଢା ବୁଢୀକୁ ପଚାରିଲା । ବୁଢୀ ସବୁ କଥା କହିଦେଲା । ବୁଢାର ଦୁଃଖ କହିଲେ ନ ସରେ । ସେ ବୁଢୀକୁ ବହୁତ ଗାଳି ଦେଲା । ଦି ପ୍ରାଣୀଯାକ ସେଦିନ ରାତିଟି କଳିରେ କଟାଇଲେ । କେହି ଆଉ ଖାଇଲେ ନାହିଁ । କିନ୍ତୁ ଘରଚଟିଆଟି ଆଉ ଫେରିଲା ନାହିଁ । ବୁଢା ତାର ସୁଖ ଦୁଃଖର ସାଥୀକୁ ହରାଇ ମନ ଦୁଃଖରେ ରହିଲା ।

କେତେ ମାସ ଗତ ହୋଇଗଲା । ଦିନେ ବୁଢା ଗୋଟିଏ ପାହାଡ ପାଖରେ ବୁଲୁବୁଲୁ ଶୁଣିଲା, କେହି ଜଣେ କହୁଛି, "ନମସ୍କାର" । ବୁଢା ଆଶ୍ଚର୍ଯ୍ୟ ହୋଇ ଚାରିଆଡକୁ ଚାହିଁଲା । ଦେଖିଲା ଗୋଟିଏ ଗଛ ଉପରେ ତା'ର ସେହି ଅତି ପ୍ରିୟ ଘରଚଟିଆଟି ବସିଅଛି । ସେହି ପକ୍ଷୀଟି ଅବିକଳ ମଣିଷ ପରି କଥା କହି ପାରୁଛି । ଏହି ସମୟରେ ଘରଚଟିଆଟି ବୁଢା ପାଖକୁ ଉଡି ଆସିଲା । ବୁଢାର ହାତ ଧରି ତା ଘରକୁ ନେଇଗଲା । ବୁଢା ମନ ଆଜି ଭାରି ଖୁସି । ବହୁଦିନ ପରେ ବୁଢା ତାର ପ୍ରିୟ ପକ୍ଷୀଟିକୁ ପାଇଛି । ବୁଢା ପକ୍ଷୀଟି ସାଙ୍ଗରେ ତା ଘରକୁ ଗଲା ।

ପାହାଡ ତଳେ ଗୋଟିଏ ଛୋଟିଆ ବାଉଁଶ ତିଆରି ଘରଟିଏ । ଘର ଚାରିପାଖେ ସୁନ୍ଦର ବଗିଚାଟିଏ । ବଗିଚା ଭିତର ଦେଇ ଝରଣାଟିଏ ବୋହି ଯାଉଛି । ସେହି ଘରେ ଘରଚଟିଆ, ତା'ର ସ୍ତ୍ରୀ ଓ ତା'ର ଗୋଟିଏ ଝିଅ ରହୁଥିଲେ । ବୁଢାକୁ ଦେଖି ଘରଚଟିଆର ସ୍ତ୍ରୀ ଓ ତାର ଝିଅ ଫାଟକ ପାଖକୁ ଦୌଡି ଆସିଲେ । ବୁଢାର ହାତ ଧରି ଘରକୁ ନେଇଗଲେ । ବହୁତ ଆଦର କରି ଗଉରବ କଲେ । ବୁଢାକୁ ଭଲ ଭଲ ଫଳ, ରୁଟି ଖାଇବାକୁ ଦେଲେ । ରନ୍ଧା କରି ଆଣି ବୁଢାକୁ ଖାଇବାକୁ ଦେଲେ । ବୁଢା ଖାଇପିଇ ସାରି ଯେତେବେଳେ ଘରକୁ ଆସିବାକୁ ବାହାରିଲା ଘରଚଟିଆ ଛାଡିଲା ନାହିଁ । ଦିନେ ଓଳିଏ ରହିବା ଲାଗି ଘରଚଟିଆ ଓ ତାର ପିଲାମାନେ ଅଳି କଲେ । ବୁଢା ଘରଚଟିଆ କଥା ଭାଙ୍ଗି ନପାରି ରହିଲା । ଘରଚଟିଆ ଓ ତାର ସ୍ତ୍ରୀ ବ୍ୟବହାରରେ ବୁଢା ନିଜ ଘର ଓ ବୁଢୀ କଥା ଭୁଲି ଯାଇଥିଲା । ରହୁ ରହୁ ଗୋଟାଏ ସପ୍ତାହ ବୁଢା ଘରଚଟିଆ ଘରେ ରହିଗଲା । ଘରଚଟିଆ ମନରେ ଦୁଃଖ ନାହିଁ । ତାର ଇଚ୍ଛା ବୁଢା ସବୁଦିନେ ତା ଘରେ ରହୁ ।

ବୁଢା ଆଉ ବେଶିଦିନ ରହିବା ଲାଗି ମନ ବଳାଇଲା ନାହିଁ । ତେଣେ ବୁଢୀ ମନ ବ୍ୟସ୍ତ ହେବଣି । ତେଣୁ ବୁଢା ଘରକୁ ବାହାରିଲା । ଘରଚଟିଆ ଦେଖିଲା ଆଉ ବୁଢାକୁ ଅଟକାଇ ହେବ ନାହିଁ । ଘରଚଟିଆ ବୁଢାକୁ ବା କ'ଣ ଦେବ ? ତା ଘରେ ସୁତା ତିଆରି ଦୁଇଟି ମୁଣା ଥିଲା । ଗୋଟିଏ ମୁଣି ହାଲୁକା, ଅନ୍ୟଟି ଓଜନିଆ । ଘରଚଟିଆ ଦୁଇଟି ଯାକ ମୁଣି ଆଣି ବୁଢା ପାଖରେ ଥୋଇ କହିଲା, ତୁମର ଯେଉଁ ମୁଣିଟି ନେବାକୁ ଇଚ୍ଛା ହେଉଛି ସେହି ମୁଣିଟି ନିଅ । ବୁଢା ଦୁଇଟି ଯାକ ମୁଣିକୁ ହାତରେ ଧରି ଟାଙ୍ଗିଲା, ହାଲୁକା ମୁଣିଟିକୁ ଧରିଲା । ଘର-ଚଟିଆଟିକୁ କହିଲା, ଏହି ମୁଣିଟି ହାଲୁକା ଅଛି । ହାତରେ ଓହଳାଇ ନେଇ ହେବ । ଏଇ ଗୋଟିକୁ ନେବି । ଘରଚଟିଆଠାରୁ ହାଲୁକା ମୁଣିଟି ଧରି ବୁଢା ଘରକୁ ବାଷେଇଲା ।

ବୁଢା ଘରେ ଗୋଡ଼ ନ ଦେଉଣୁ ବୁଢୀର ଗାଳି ବର୍ଷଣ ଆରମ୍ଭ ହୋଇଗଲା । ଆହା ! କି ସୁଖ ଶାନ୍ତିରେ ଗୋଟିଏ ସପ୍ତାହ କଟିଥିଲା ? ଘରେ ପଶୁପଣ୍ଡ ତାଣ୍ଡବ ଆରମ୍ଭ ହୋଇଗଲା । ଏହା ଭାବି ବୁଢା ବୁଢୀକୁ କିଛି ନ କହି ମୁଣିଟିକୁ ବୁଢୀକୁ ଦେଖାଇଲା । ବୁଢାବୁଢୀ ମୁଣି ଭିତରେ କଣ ଅଛି ବୋଲି ମୁଣିଟିକୁ ଖୋଲିଲେ । ଦେଖିଲେ ମୁଣି ଭିତରେ ସୁନା ହୀରା, ଭର୍ତ୍ତି ହୋଇଛି । ଆଉ ଗୋଟିଏ ଟୋପି ଓ ଗୋଟିଏ ଟଙ୍କା ଥଳି ମଧ୍ୟ ଅଛି । ସେ ଟୋପିଟା ଗୋଟିଏ କୁହୁକ ଟୋପି । ଯିଏ ସେ ଟୋପି ପିନ୍ଧିବ ତାକୁ କେହି ଦେଖି ପାରିବେ ନାହିଁ । ଆଉ ସେହି ଟଙ୍କା ଥଳିଟି ମଧ୍ୟ ଅଦ୍ଭୁତ । ଥଳିରୁ ଯେତେ ଟଙ୍କା ନେଲେ ମଧ୍ୟ ସେଥିରୁ ଟଙ୍କା ସରିବ ନାହିଁ ।

ବୁଢା ଓ ବୁଢୀ ଏହା ସବୁ ଦେଖି ଭାରି ଖୁସି ହେଲେ । ଯାହା ହେଉ ବୁଢା ଜେଳକୁ ଘରଚଟିଆର ଦୟାରୁ ଏଣିକି ନିଶ୍ଚିନ୍ତରେ ବସି ଖାଇବେ । ଆଉ ଅଭାବ ରହିବ ନାହିଁ; କିନ୍ତୁ ବୁଢୀର ଲୋଭ ବେଶି । ସେ ବୁଢାକୁ କହିଲା, ତୁମ୍ଭେ ତ ଘରଚଟିଆ ଘରକୁ ଯାଇ ଗୋଟିଏ ମୁଣି ଆଣିଲ । ମୁଁ ଯାଉଛି, ଆଉ ଗୋଟିଏ ମୁଣି ଆଣିବି । ଦୁଇଟା ମୁଣି ହୋଇଗଲେ ଆମେ ତ ବଡଲୋକ ହୋଇଯିବା ।

ବୁଢୀର ଲୋଭ ଦେଖି ବୁଢା ମନା କଲା । କହିଲା, ନା, ନା ଆମକୁ ଘରଚଟିଆ ଯେତିକି ଦେଇଛି ତାହାହିଁ ଯଥେଷ୍ଟ । ଆମର କ'ଣ ନ'ଟା କି ଛ'ଟା ପିଲା ଅଛନ୍ତି ଯେ, ନଅଣ୍ଟ ହୋଇ ପଡ଼ିବ । ଥିଲେ ବି ଏହି ମୁଣିରେ ଯେତିକି ଧନ ଅଛି ତା ତ ଅସୁମାରୀ । ସେ ତ ସରିବ ନାହିଁ । ତେବେ ଆଉ ଗୋଟାଏ ମୁଣିର ଆବଶ୍ୟକତା କ'ଣ । ? ଏହାଦ୍ୱାରା ଘରଚଟିଆ କଣ ଭାବିବ । ତୁମ୍ଭେ ଆଉ ଲୋଭ କର ନାହିଁ ।

ବୁଢୀ କ'ଣ ବୁଢା କଥା ଶୁଣିବା ଲୋକ । ସେ ଛତା ଖଣ୍ଡେ ଧରି ଘରଚଟିଆ ଘରକୁ ସିଧା ଦାଣ୍ଡେଇଲା । ବୁଢୀକୁ ତ ବାଟ ଅଜଣା ନଥିଲା । ବୁଢୀ ଯାଇ ଘରଚଟିଆ ଘରେ ପହଞ୍ଚିଗଲା । ବୁଢୀକୁ ଦେଖି ଘରଚଟିଆ ଖୁସି ହୋଇ ନଥିଲା । କାରଣ ସେହି ବୁଢୀ ତାର ଜିଭ କାଟି ଛାଡ଼ି ଦେଇଥିଲା । ଯାହାହେଉ ବୁଢୀ ଯେତେବେଳେ ବୁଢାର ସ୍ତ୍ରୀ, ଭଦ୍ରତା ଖାତିରିରେ ଘରଚଟିଆ କପେ ଚା' ବୁଢୀକୁ ଦେଲା । ବୁଢାକୁ ଯେଉଁ ସ୍ନେହ ସହାଗ ଘରଚଟିଆର ପରିବାର ଦେଖାଇଥିଲେ ସେଥିରୁ କାଣିଚାଏ ସୁଦ୍ଧା ବୁଢୀକୁ ଦେଖାଇଲେ ନାହିଁ । ବୁଢୀ ଘରକୁ ଆସିବାକୁ ବାହାରିଲା । ବୁଢୀ ସିନା ଭାବିଥିଲା ଘରଚଟିଆ ଯାଚି କରି କିଛି ଉପହାର ଦେବ କିନ୍ତୁ ସେପରି ବୁଢୀ ଆଉ ଦେଖିଲା ନାହିଁ । ବୁଢୀ ମନେ ମନେ ଭାବିଲା, ଖାଲି ହାତରେ ଘରେ ପହଞ୍ଚିଲେ ବୁଢା କଣ କହିବ ? ବୁଢାକୁ କିପରି ମୁହଁ ଦେଖାଇବ ? ତେଣୁ ବୁଢୀ ବାଧ୍ୟ ହୋଇ ଘରଚଟିଆକୁ ଗୋଟିଏ ମୁଣି ମାଗିଲା । ଘରଚଟିଆ ମନେ ମନେ ଭାବିଲା, ଏ ବୁଢୀର ଭାରି ଲୋଭ । ବୁଢା ନେଇଥିବା ମୁଣିକୁ ଦେଖି ବୁଢୀ ଆଉ ଗୋଟିଏ ମୁଣି ପାଇଁ ଦୌଡ଼ି ଆସିଛି । ଏହା ଭାବି ଘରଚଟିଆ ଘର ଭିତରୁ ଦୁଇଟି ମୁଣି ଆଣି ବୁଢୀକୁ ଦେଖାଇ କହିଲା, କେଉଁ ମୁଣିଟି ତୁମ୍ଭେ ନେବାକୁ ଇଚ୍ଛା କରୁଛ ସେଇଟି ନିଅ । ବୁଢୀ

ମୁଣି ଦୁଇଟିକୁ ହାତରେ ଧରିଲା । ଦେଖିଲା ସେଥିରୁ ଗୋଟିଏ ମୁଣି ଭାରି ଓଜନିଆ ଲାଗୁଛି । ଅନ୍ୟଟି ହାଲୁକା ଲାଗୁଛି । ଓଜନିଆ ମୁଣିଟିରେ ବହୁତ ଧନରତ୍ନ ଅଛି ବୋଲି ବୁଢୀ ମନେ ମନେ ଭାବି ସେହି ଓଜନିଆ ମୁଣିଟି ଧରିଲା । ଘରଚଟିଆ ଆଉ କିଛି କହିଲା ନାହିଁ । ବୁଢୀ ମୁଣିଟି ଧରି ଘରଚଟିଆକୁ ଧନ୍ୟବାଦଟିଏ ଦେଇ ବାଟେ ବାଟେ ଘରକୁ ଫେରିଲା ।

ବୁଢୀ ବୁଢାକୁ ମୁଣିଟି ଦେଖାଇ କହିଲା, ଦେଖ—ତୁମେ ସିନା ହାଲୁକା ମୁଣିଟିଏ ଆଣିଥିଲ, ମୁଁ କିପରି ଓଜନିଆ ମୁଣିଟିଏ ଆଣିଛି । ଏଥିରେ ତୁମ ମୁଣି ଅପେକ୍ଷା ବହୁତ ମାଲମତା ଅଛି । ବୁଢା ମୁଣିଟି ହାତରେ ଟେକି ଦେଖିଲା, ସତ କଥା--ଏ ମୁଣିରେ ନିଶ୍ଚୟ ବେଶି କିଛି ମାଲ ଅଛି । ହଉ ଯାହାକୁ ଯାହା ମିଳିଲା । ଏହା କହି ବୁଢା ତୁନି ହୋଇ ରହିଲା ।

ବୁଢୀ ଛାତି କୁଣ୍ଢେ ମୋଟ । ସେ ସଙ୍ଗେ ସଙ୍ଗେ ମୁଣିଟିକୁ ଖୋଲି ଦେଲା । ଆରେ ବାବା ! ଏ କ'ଣ ? ତା ଭିତରେ ଖାଲି ବିଷାକ୍ତ ବଡ ବଡ ସାପ, ମାଛି, ପୋକ, ବିଛା ଭର୍ତ୍ତି ହୋଇଛନ୍ତି । ମୁହଁ ଖୋଲିବା ମାତ୍ରେ ସେ ସବୁ ମୁଣି ଭିତରୁ ଫସଫାସ୍ ହୋଇ ବାହାରି ବୁଢୀକୁ କାମୁଡିବାରେ ଲାଗିଲେ । ସାପଗୁଡାକ ବୁଢୀର ଦେହଯାକ ଗୁଡାଇ ହୋଇ ଫଣା ଟେକି ଚୋଟ ମାରିବାକୁ ଲାଗିଲେ । ବୁଢୀ ଖାଲି ମରଗଲି ମରିଗଲି ବୋଲି ପାଟିକଲା । ବୁଢୀର ପାଟି ଶୁଣି ବୁଢା ଧାଇଁ ଆସିଲା । ଦେଖିଲାବେଳକୁ ଘରଯାକ ସାପ, ବିଛା ସାଲୁବାଲୁ ହେଉଛନ୍ତି । ଆଶ୍ଚର୍ଯ୍ୟର କଥା ସାପ, ବିଛାଗୁଡିକ ବୁଢାର କିଛି କ୍ଷତି କଲେ ନାହିଁ । ସାପ ବିଛାଙ୍କ କାମୁଡାରେ ବୁଢୀ କି ଆଉ ଜୀବନ ଧରି ରହେ । ବୁଢୀ ବାଉଳାଇ ପିଟି ହୋଇମଲା । ବୁଢୀର ହୀରାନୀଳାର ସ୍ୱପ୍ନ ଉଭେଇଗଲା । ଲୋଭ କରି ବୁଢୀ ମଲା ।

ବୁଢା ଦେଖିଲା ତାର ତ ଆଉ କେହି ନାହିଁ । ସେ ଯେଉଁ ଧନ ପାଇଥିଲା ସେଥିରେ ଖଣ୍ଡିଏ ଭଲ କୋଠା ଘର ତିଆରି କଲା । ଜମିବାଡି କିଣିଲା । ଗୋଟିଏ ପୋଷିଆ ପୁଅ କରି ଆନନ୍ଦରେ ରହିଲା ।

Digitalization by :-
Deb's Library Corner...
Telegram link :-https://t.me/debslibrarycorner

ରାଣୀଙ୍କର ଗର୍ବ

ବହୁ ପୂର୍ବକାଳରେ କାଶୀରେ ଜଣେ ଅତି ଦୟାଳୁ ଓ ଧାର୍ମିକ ରାଜା ରଜୁତି କରୁଥିଲେ । ସେ ଭାରି ବିଚାରବନ୍ତ ରାଜା ଥିଲେ । ଅନ୍ୟାୟ କାର୍ଯ୍ୟକୁ ସେ ଆଦୌ ସହି ପାରୁ ନ ଥିଲେ । ଯେତେ ଆପଣର ଲୋକ ହେଲେ ମଧ୍ୟ ସେ ଯଦି କୌଣସି ଅନୀତି କାର୍ଯ୍ୟ କରୁଥିଲେ, ରାଜା ତାଙ୍କୁ ଆଦୌ କ୍ଷମା ଦେଉ ନ ଥିଲେ । ତାଙ୍କର ରାଣୀଙ୍କ ନାମ 'କରୁଣା' । କିନ୍ତୁ ତାଙ୍କ ହୃଦୟରେ ଲେସ୍‌ମାତ୍ର କରୁଣା ନ ଥିଲା । ରାଣୀ ବୋଲି ତାଙ୍କ ମନରେ ସର୍ବଦା ଗର୍ବ ଭାବ ଥିଲା ।

ଦିନେ ରାଣୀ ବାରୁଣୀସ୍ନାନ ପାଇଁ ଗଙ୍ଗାକୁ ଯିବାଲାଗି ରାଜାଙ୍କୁ କହିଲେ । ରାଜା ରାଣୀଙ୍କର ବାରୁଣୀସ୍ନାନ ପାଇଁ ସବୁ ପ୍ରକାର ସୁବିଧା କରିଦେଲେ । ରାଣୀଙ୍କ ସ୍ନାନ ସମୟରେ ଯେପରି କୌଣସି ପୁରୁଷ ଲୋକ ନଦୀ କୂଳରେ ନ ରହିବେ ତାର ସୁବନ୍ଦୋବସ୍ତ କରିବାକୁ ରାଣୀ ରାଜାଙ୍କୁ ଜଣାଇଲେ । ନଦୀ ତଟରେ କେତେକ ଦରିଦ୍ର ପ୍ରଜାଙ୍କର ବସତି ଥିଲା । ରାଣୀଙ୍କ ଆଦେଶରେ ସେମାନେ ପଲ୍ଲୀଛାଡ଼ି ଦୂରକୁ ଚାଲିଗଲେ ।

ରାଣୀ ଏବଂ ତାଙ୍କର ସଖୀମାନେ ଆନନ୍ଦରେ ମନଇଚ୍ଛା ନଦୀରେ ସ୍ନାନ କରିବାକୁ ଲାଗିଲେ । ମାଘ ମାସ, ହାଡ଼ ଭଙ୍ଗା ଶୀତ । ଗଙ୍ଗାନଦୀର ଶୀତଳ ଜଳରେ ସ୍ନାନ ସାରି ରାଣୀ ଯେତେବେଳେ ଉପରକୁ ଉଠିଲେ, ଭୟଙ୍କର ଶୀତ ଅନୁଭବ କଲେ । ତାଙ୍କର ଦେହ ହାତ ଶୀତରେ ଜଡ ପାଲଟିଗଲା । ରାଣୀ ଶୀତକଷ୍ଟ ସହି ନ ପାରି ସଖୀମାନଙ୍କୁ କହିଲେ, ଶୀଘ୍ର କୌଣସି ପ୍ରକାର ନିଆଁ ଟିକିଏ କର । ନିଆଁର ଉତ୍ତାପରେ ସେକି ନ ହେଲେ ମୋର ଦେହରେ ପ୍ରାଣ ରହିବ ନାହିଁ । ସଖୀମାନେ ତତ୍ପର ହୋଇ ଉଠିଲେ । ନଦୀକୂଳରେ ବାଲୁକା ପ୍ରାନ୍ତରରେ କେଉଁଠୁ କ'ଣ ବା ପାଇବେ ଯେ ନିଆଁ କରିବେ । ସଖୀମାନେ ଚାରିଆଡ଼ ଖୋଜି ଖୋଜି ନିରାଶମନରେ ରାଣୀଙ୍କ ନିକଟରେ ପହଞ୍ଚିଲେ । ରାଣୀ କେତେଗୁଡିଏ ବୃକ୍ଷକୁ ଦେଖାଇ କହିଲେ, ଏହି ସବୁ ବୃକ୍ଷରୁ ଡାଳପତ୍ର ଆଣି ନିଆଁ କର । ସଖୀମାନେ ଗଛ ନିକଟକୁ ଗଲେ ; କିନ୍ତୁ

କେହି ଜଣେ ଗଛରେ ଚଢ଼ିବାଲାଗି ସମର୍ଥ ହେଲେ ନାହିଁ । ନିରାଶ ହୋଇ ପୁନର୍ବାର ରାଣୀଙ୍କ ପାଖକୁ ଫେରି ଆସିଲେ ଏବଂ ନିଜର ଅସାମର୍ଥ୍ୟ ପ୍ରକାଶ କଲେ ।

ଏହି ସମୟରେ ଅଦୂରସ୍ଥ ପଲ୍ଲୀକୁଟୀର ଗୁଡ଼ିକ ଉପରେ ରାଣୀଙ୍କର ଦୃଷ୍ଟି ପଡ଼ିଲା । ସେହି ସବୁ କୁଡ଼ିଆଗୁଡ଼ିକ ଘାସ ଓ କୁଟାରେ ଛାଉଣୀ ହୋଇଥିଲା । ରାଣୀ ସଖୀମାନଙ୍କୁ ସେହି କୁଡ଼ିଆଗୁଡ଼ିକୁ ଦେଖାଇ କହିଲେ, ସେହି କୁଡ଼ିଆରୁ ଗୋଟିଏ କୁଡ଼ିଆରେ ନିଆଁ ଲଗାଇଦିଅ । ସେହି ନିଆଁରେ ମୁଁ ସେକି ହୋଇ ଜୀବନ ରକ୍ଷା କରିବି ।

ସଖୀମାନେ ଦରିଦ୍ର ପଲ୍ଲୀବାସୀଙ୍କ କୁଡ଼ିଆରେ ନିଆଁ ଲଗାଇବା ପାଇଁ ପଶ୍ଚାଦ୍‌ପଦ ହେଲେ । ଗରିବ ଲୋକେ କେତେ କଷ୍ଟରେ ଖଣ୍ଡିଏ ଖଣ୍ଡିଏ ଆଶ୍ରୟ ତିଆରି କରି ନିଜର ପିଲା ଛୁଆଙ୍କୁ ଖରା, ବର୍ଷା, ଶୀତରୁ ରକ୍ଷା କରୁଛନ୍ତି—ଆମ୍ଭେମାନେ ନିଜର ସୁଖପାଇଁ ସେ ସବୁ ଜାଳି ପୋଡ଼ି ପାଉଁଶ କରିଦେବା କେତେ ଅନୀତି କାର୍ଯ୍ୟ ହେବ—ଏହାଦ୍ୱାରା ସେମାନେ ଘୋର ପାପରେ ଭାଗୀ ହେବେ । ଏହା ଭାବି ସଖୀମାନେ ରାଣୀଙ୍କୁ ମନା କରିଦେଲେ । ରାଣୀ ସଖୀମାନଙ୍କର ଅବାଧ୍ୟତାରେ କ୍ରୋଧ ପ୍ରକାଶ କରି, ଶୀଘ୍ର ନିଆଁ ପ୍ରସ୍ତୁତ ନ କଲେ ସମସ୍ତଙ୍କୁ ଉଚିତ ଦଣ୍ଡ ଦେବେ ବୋଲି ଧମକାଇଲେ । ସଖୀମାନେ ଯେତେବେଳେ ରାଣୀଙ୍କ ଅନ୍ନରେ ପ୍ରତିପାଳିତ ସେମାନଙ୍କର ଗ୍ୟର ବା କ'ଣ ? ବାଧ୍ୟ ହୋଇ ରାଣୀଙ୍କର ଭୟରେ କେତେଜଣ ସଖୀ ଯାଇ ଗୋଟିଏ କୁଡ଼ିଆରେ ନିଆଁ ଲଗାଇଦେଲେ, ନିଆଁ ଜଳି ଉଠିଲା, ରାଣୀ ସେହି ନିଆଁରେ ସେକି ହୋଇ ସୁସ୍ଥ ହେଲେ । ତାଙ୍କ ମୁହଁରେ ହସ ଫୁଟି ଉଠିଲା । କିନ୍ତୁ ଗୋଟିଏ କୁଡ଼ିଆ ନିଆଁର କବଳରେ ପଡ଼ି ନ ଥିଲା । ରହୁଁ ରହୁଁ ପଲ୍ଲୀର ସବୁ କୁଡ଼ିଆଗୁଡ଼ିକ ଜଳି ପୋଡ଼ି ପାଉଁଶ ହୋଇଗଲା । ସେଥିପାଇଁ ରାଣୀଙ୍କ ମନରେ ଶୋଚନା ନ ଥିଲା । ସେ ଯେ ସୁସ୍ଥ ହେଲେ ଏହାହିଁ ଆନନ୍ଦର କଥା । ରାଣୀ ସଖୀମାନଙ୍କ ଗହଣରେ ଉଆସକୁ ପ୍ରତ୍ୟାବର୍ତ୍ତନ କଲେ ।

ରାଣୀ ସ୍ନାନ କାର୍ଯ୍ୟ ଶେଷ କରି ଫେରିଯିବା ଦେଖି ପଲ୍ଲୀବାସୀ ନିଜ ନିଜ ଗୃହକୁ ଆସିଲେ । କିନ୍ତୁ ଘର କାହିଁ ? ଘରର ଆସବାବ୍ କାହିଁ ? ସବୁ ଜଳି ପୋଡ଼ି ପାଉଁଶ ହୋଇଯାଇଛି । ସମସ୍ତ ପଲ୍ଲୀବାସୀ ମୁଣ୍ଡରେ ହାତ ଦେଇ ବସିଲେ । କେତେ କଷ୍ଟରେ ପେଟକୁ ନ ଖାଇ, ପିଲାଛୁଆଙ୍କ ମୁହଁରୁ ଦାନା କାଟି ଖରା, ବର୍ଷା, ଶୀତ କାକରରୁ ରକ୍ଷା ପାଇବା ପାଇଁ ଖଣ୍ଡିଏ ଖଣ୍ଡିଏ ପଲା, ଘାସ ନଡ଼ାରେ କରିଥିଲେ ଯେ, ସେ ସବୁ ପୋଡ଼ି ଜଳି ପାଉଁଶ ହୋଇ ଯାଇଛି । ଭଗବାନଙ୍କର କି ବିଚାର ! ଭଗବାନଙ୍କର ସତେ ଯେପରି ଏହି ନିରୀହ ଦରିଦ୍ରଙ୍କ ପ୍ରତି ଟିକେ ହେଲେ ଦୟା ନାହିଁ । କାହାକୁ ଯାଇ ଏ ଦୁଃଖ କାହାଣୀ ଜଣାଇବେ ? ଯାହାଙ୍କ ନିକଟରେ ଜଣାଇବାର କଥା ତାଙ୍କରି ରାଣୀଙ୍କ ଦ୍ୱାରା ତ ଏ କାଣ୍ଡ ହୋଇଛି ? ରଜା କ'ଣ ଶୁଣିବେ, ନା ନ୍ୟାୟ ବିଚାର କରିବେ ? ନିଜର ଭାଗ୍ୟକୁ ଆଦରି ରହିବା ବ୍ୟତୀତ ଆଉ କୌଣସି ଉପାୟ ନାହିଁ ।

ପଲ୍ଲୀର ଜଣେ ବୃଦ୍ଧ, ବହୁ ବିଚାର କଲେ । ଶେଷରେ ଯାଇ ରାଜା ନରେଶଙ୍କୁ ସେମାନଙ୍କର ଦୁଃଖ କାହାଣୀ ଶୁଣାଇଲେ । ରାଜା ଯେତେବେଳେ ଜାଣିଲେ ରାଣୀଙ୍କଦ୍ୱାରା ଦରିଦ୍ର ପଲ୍ଲୀବାସୀ ସର୍ବସ୍ୱ ହରାଇ ଗଛମୂଳରେ ପଡ଼ିଛନ୍ତି, ନାହିଁ ବାସ, ନାହିଁ ଖାଦ୍ୟ, ତାଙ୍କ ମନରେ ଭୀଷଣ କ୍ରୋଧ ଜାତ ହେଲା । ତାଙ୍କରି ଦରିଦ୍ର ପ୍ରଜା ସେମାନେ । ସେମାନେ ଯଦି ସର୍ବହରା ହୋଇ ପଡନ୍ତି--ବାସଶୂନ୍ୟ ହୋଇ ଗଛମୂଳେ ଆଶ୍ରୟ ନିଅନ୍ତି—ତାଙ୍କ ପେଟ ଯଦି ନ ପୂରେ ତେବେ ସେ ରାଜା ହୋଇ କ'ଣ କରିବେ ? ରାଜପଦବାଚ୍ୟ ପାଇଁ ସେ ଅଯୋଗ୍ୟ । ରାଜା ବୋଲି କ'ଣ ପ୍ରଜାମାନଙ୍କ ରକ୍ତ ଶୋଷଣ କରି, ସେମାନଙ୍କୁ ବାସହୀନ, ଖାଦ୍ୟହୀନ କରି ଅସହ କରିବେ ? ନା-ନା ଏହାର ପ୍ରତିକାର କରିବା ରାଜାର କର୍ତ୍ତବ୍ୟ, ଦୋଷୀକୁ ସମୁଚିତ ଦଣ୍ଡଦେବା ରାଜାର ବିଚାର । ଏହା ଭାବି ଭାବି ରାଜା ଅସ୍ଥିର ହୋଇପଡ଼ିଲେ । ସଙ୍ଗେ ସଙ୍ଗେ ରାଣୀ କରୁଣାଙ୍କୁ ଦରବାରକୁ ଆସିବା ଲାଗି ପ୍ରହରୀ ଦ୍ୱାରା ଖବର ପଠାଇଲେ । ରାଣୀ ହେଉନ୍ତୁ ବା ଅନ୍ୟ ଯେ କେହି ହେଉ ଏହି ଅନୀତି କାର୍ଯ୍ୟପାଇଁ ସମୁଚିତ ଦଣ୍ଡ ଭୋଗ କରିବାକୁ ପଡ଼ିବ ।

ରାଣୀ କରୁଣା ରାଜାଙ୍କର କ୍ରୋଧ ଦେଖି ଭୟ କରି ନ ଥିଲେ । ସେ ଯେଉଁ ଅନୀତି କାର୍ଯ୍ୟ କରିଛନ୍ତି ସେଥିଲାଗି ତାଙ୍କ ମନରେ ଦୁଃଖ, ଅନୁତାପର ଲେଶମାତ୍ର ଚିହ୍ନ ନ ଥିଲା । ରାଣୀ ଅଧିକ ରାଗି କହିଲେ— ସେଗୁଡ଼ାକ ଘାସର କୁଡ଼ିଆ ଥିଲା । ତାହା ମୂଲ୍ୟହୀନ । ଆମର ଆମୋଦ ପ୍ରମୋଦ ପାଇଁ ସେଗୁଡ଼ିକ ଜାଳିବା ଦରକାର ହେଲା । ଆମେ ତାହା କଲୁଁ । ଆମେ ରାଜା-ଶାସକ । ସେଥିରେ ସେମାନଙ୍କର ଆପତ୍ତିର କାରଣ କ'ଣ ଅଛି ? ଆମେ ଯାହା ଇଚ୍ଛା ତାହା କରି ପାରୁଁ । ସେ ଅଧିକାର ଭଗବାନ ଆମକୁ ଦେଇଅଛନ୍ତି ।

ରାଜା ନରେଶ ରାଣୀଙ୍କୁ କହିଲେ, ତୁମର ଏହି କାର୍ଯ୍ୟ ଅତି ଅନ୍ୟାୟ । ତୁମ୍ଭେ ରାଜମହଲରେ ରହି ସୁଖ ଅନୁଭବ କରୁଛ ବୋଲି ଏ ଦୁନିଆଟା ତୁମ ଆଖିରେ କ'ଣ ପଶୁ । ତୁମ୍ଭେ ଏକମାତ୍ର ସିଂହ । ଦୁନିଆର ଦୁଃଖୀ ଦରିଦ୍ରମାନଙ୍କର ଦୁଃଖ ତୁମ୍ଭେ କାହୁଁ ଅନୁଭବ କରିବ ? ତୁମ୍ଭ ପକ୍ଷେ ଏହି ମୂଲ୍ୟବାନ ଅଟ୍ଟାଳିକା ଯେପରି, ସେମାନଙ୍କ ପକ୍ଷରେ ସେହି ଘାସ, ନଡ଼ା ଛୁଆଣୀ ପଲ୍ଲୀଗୁଡ଼ିକ ସେହିପରି ମୂଲ୍ୟବାନ । ସେମାନେ ବାସହୀନ ହୋଇ ଯେ କି ଦୁଃଖ କଷ୍ଟରେ ଦିନ କଟାଉ ଅଛନ୍ତି ତୁମ୍ଭେ ତାହା କାହୁଁ ବୁଝିବ ? ଏଥର ତୁମକୁ ସେମାନଙ୍କର କଷ୍ଟ ଅନୁଭବ କରିବାକୁ ପଡ଼ିବ । ତୁମ୍ଭେ ଯେଉଁ ଅନୀତି କାର୍ଯ୍ୟ କରିଛ ତା'ର ପ୍ରାୟଶ୍ଚିତ୍ତ କରିବ ।

ରାଜା ତତକ୍ଷଣାତ୍ ଆଦେଶ ଦେଲେ – "ମହାରାଣୀ କରୁଣାଙ୍କ ଦେହରୁ ରାଜଭୂଷଣ ବାହାର କରି ଭିକାରୁଣୀ ବେଶରେ ଏଠାକୁ ଆଣ ।" ରାଜାଙ୍କ ଆଦେଶ କାର୍ଯ୍ୟକାରୀ ହେଲା । ରାଣୀ ରାଜପୋଷାକ ଓ ମୂଲ୍ୟବାନ ଗହଣା ପରିତ୍ୟାଗ କରି ଖଣ୍ଡିଏ ମଳିନ ବସ୍ତ୍ର ପରିଧାନ କରି ରାଜାଙ୍କ ସମୀପରେ ଠିଆ ହେଲେ । ରାଜା ରାଣୀଙ୍କୁ ଧରି ରାଜମାର୍ଗକୁ

ଆସିଲେ ଏବଂ ରାଜମାର୍ଗରେ ଠିଆ ହୋଇଥିବା ସଭାସଦ, ବିଚାରପତି ଏବଂ ପ୍ରଜାମାନଙ୍କ ସମ୍ମୁଖରେ ଘୋଷଣା କଲେ—"ଏ ମୋର ରାଣୀ ହେଲେ ମଧ ଯେଉଁ ଅନୀତି କାର୍ଯ୍ୟ କରି ଅଛନ୍ତି – ଗରିବ ପ୍ରଜାମାନଙ୍କ ବାସକୁ ଜାଳିପୋଡ଼ି ପାଉଁଶ କରି ଦେଇଛନ୍ତି ତାର ପ୍ରାୟଶ୍ଚିତ୍ତ ପାଇଁ ଅନ୍ତଃପୁରର ସମସ୍ତ ଭୋଗବିଳାସରୁ ମୁକ୍ତ କରି ଭିକାରୁଣୀ କରି ଛାଡ଼ି ଦିଆଗଲା।' ସେ ଦ୍ୱାର ଦ୍ୱାର ବୁଲି ଭିକ୍ଷା କରିବେ। ସେହି ଭିକ୍ଷା ଧନରେ ଗରିବ ପଲ୍ଲୀବାସୀଙ୍କର ପଲ୍ଲୀ ନିର୍ମାଣ କରିବେ।"

ରାଜା ରାଣୀଙ୍କୁ କହିଲେ, ଦେଖ ରାଣୀ ତୁମ୍ଭେ ଏକବର୍ଷ ମଧ୍ୟରେ ପଲ୍ଲୀ ନିର୍ମାଣ କାଯ୍ୟ ଶେଷ କରି ଅନ୍ତଃପୁରକୁ ବାହୁଡ଼ି ଆସିବ। ସେତେବେଳେ ଯାଇ ମୁଁ ତୁମ୍ଭଙ୍କୁ ଅଭ୍ୟର୍ଥନା କରିନେବି।

ରାଣୀ ରାଜାଙ୍କ ଆଦେଶ ପାଳନ କରି ରାଜଦାଣ୍ଡରେ ଯାତ୍ରା କଲେ। ରାଜାଙ୍କ ଆଖିରୁ ଲୁହ ଝରିପଡ଼ିଲା। ସଭାସଦ, ବିଚାରପତି, ପ୍ରଜାମାନଙ୍କ ଆଖିରେ ଲୁହ। ସମସ୍ତେ କହି ଉଠିଲେ ଧନ୍ୟ ରାଜା ନରେଶ–ଧନ୍ୟ ତୁମ୍ଭର ନ୍ୟାୟ ବିଚାର। ପ୍ରଜାଙ୍କ ଲାଗି ରାଣୀ ମଧ୍ୟ ତୁମ୍ଭର ନୁହେଁ।

Digitalization by :-
Deb's Library Corner...
Telegram link :-https://t.me/debslibrarycorner

ଅତି ଲୋଭରେ ତନ୍ତି ମରେ

ଗୋଟିଏ ଗାଁରେ ତନ୍ତୀଟିଏ ବାସ କରୁଥିଲା । ଲୁଗା ବୁଣି ସେ ପେଟ ପୋଷୁଥିଲା । ଯୈବାତ୍ ଦିନେ ସେ ତନ୍ତରେ ଲୁଗା ବୁଣୁ ବୁଣୁ ତନ୍ତଖଣ୍ଡି ଭାଙ୍ଗିଗଲା । ତନ୍ତ ଅଭାବରୁ ଆଉ ଲୁଗା ବୁଣି ପାରିଲା ନାହିଁ । କୁଟୁମ୍ବ ତାର ଉପାସ ରହିଲେ । ଦିନେ ତନ୍ତୀ କୁରାଢ଼ୀଟିଏ ଧରି ଜଙ୍ଗଲକୁ ଗଲା । ଜଙ୍ଗଲରୁ ଖଣ୍ଡେ ଟାଣୁଆ କାଠ ଆଣିଲେ ତନ୍ତଟିକୁ ତିଆରି କରିବ । ଜଙ୍ଗଲ ଭିତରେ ବୁଲି ବୁଲି ଗୋଟାଏ ବଡ଼ ଶିଶୁଗଛ ଦେଖିଲା । ଭାବିଲା ଏହି ଶିଶୁଗଛଟିକୁ ହାଣି ନେଲେ ତନ୍ତ ତିଆରି ହୋଇ ପାରିବ । ଆଉ ତନ୍ତ ଭାଙ୍ଗିବ ନାହିଁ । ଏହା ଭାବି ଗଛଟିକୁ ହାଣିବା ଲାଗି କୁରାଢ଼ୀ ଉଠାଇଲା । ସେହି ଗଛରେ ଗୋଟାଏ ବେତାଳ ରହୁଥିଲା । ବେତାଳ ତନ୍ତୀକୁ କହିଲା, ''ଭାଇ, ଏ ଗଛରେ ମୁଁ ବହୁକାଳରୁ ଅଛି । ତୁ ଯେବେ ଗଛଟିକୁ ହାଣି ନେବୁ ମୁଁ କେଉଁଠି ରହିବି ?

ତନ୍ତୀ କହିଲା, ମୁଁ କ'ଣ କରିବି । ମୋର ତନ୍ତ ଖଣ୍ଡି ଭାଙ୍ଗି ଯାଇଥିବାରୁ ମୁଁ ଲୁଗାଖଣ୍ଡିଏ ବୁଣିପାରୁନାହିଁ । ପିଲାଛୁଆ ଉପାସ ପଡୁଛନ୍ତି । କାଠ ଖଣ୍ଡିଏ ନେଲେ ତନ୍ତଟି ତିଆର କରିବି । ଏହି ଶିଶୁ ଗଛର କାଠ ଭାରି ଟାଣ । ଏଥିରେ ତନ୍ତ ତିଆରି କଲେ ବହୁତ ଦିନ ଚାଲିଯିବ । ମୁଁ ଏହି ଗଛଟିକୁ ହାଣିବି । ତୁ ଯାଇ ଆଉ କେଉଁ ଗଛରେ ବସାବାନ୍ଧି ରହ ।

ବେତାଳ କହିଲା, ''ହେ ତନ୍ତୀ ଭାଇ, ତୁ ମୋତେ ଯାହା ମାଗିବୁ ତାହା ଦେବି । କିନ୍ତୁ ଏ ଗଛଟିକୁ ହାଣେ ନାହିଁ ।''

ବେତାଳ କଥା ଶୁଣି ତନ୍ତୀ କହିଲା, ତୁମେ ଯଦି ମୋତେ ବର ଦେବାକୁ ଇଚ୍ଛା କରିଅଛ ତେବେ ଗୋଟିଏ କଥା—ଟିକିଏ ଅପେକ୍ଷା କର । ମୁଁ ଘରକୁ ଯାଉଛି । ମୋର ସ୍ତ୍ରୀକୁ ପଚାରି ଆସେ । ସେ ଯାହା ମାଗିବାକୁ କହିବ, ମୁଁ ତୁମ୍ଭଙ୍କୁ ମାଗିବି । ବେତାଳ ସେଥିରେ ରାଜି ହେଲା । ତନ୍ତୀ ତରତର ହୋଇ ଘର ଆଡକୁ ଦୌଡ଼ିଲା ।

ବାଟରେ ଯାଉ ଯାଉ ତନ୍ତୀଟି ତାର ସାଙ୍ଗ ଭଣ୍ଡାରୀକୁ ଦେଖିଲା । ଭଣ୍ଡାରୀକି ପଚାରିଲା, ବନ୍ଧୁ, ତୁମକୁ ଗୋଟିଏ କଥା ପଚାରିବି ! ତୁମ୍ଭେ ଟିକିଏ ଭାବିଚିନ୍ତି ମୋତେ ଠିକଣା କଥା କହିବ । କଣ କି ! ମୁଁ ଜଙ୍ଗଲକୁ କାଠ ଖଣ୍ଡିଏ ପାଇଁ ଯାଇଥିଲି । ଗୋଟାଏ ବେତାଳ ମୋ ଉପରେ ଖୁସି ଖୁସି ହୋଇ ମୋତେ ବର ଦେବାକୁ କହିଛି । ତାକୁ କି ବର ମାଗିଲେ ଆମର ଦୁଃଖ ଯିବ । ଏଇ କଥା ମୋତେ କହ ।

ଭଣ୍ଡାରୀ କିଛି ସମୟ ଭାବି ଭାବି କହିଲା, ଦେଖ ବନ୍ଧୁ ! ଏ ଗୋଟାଏ ଭଲ ଯୋଗ ପଡ଼ିଛି । ତୁମ ଭାଗ୍ୟ ବଡ ତେଜ ଅଛି । ତୁମେ ଯାଇ ବେତାଳକୁ ଗୋଟାଏ ରାଜ୍ୟ ମାଗ । ତୁମେ ସେ ରାଜ୍ୟର ରାଜା ହେବ । ଆଉ ମୁଁ ତୁମ୍ଭର ମନ୍ତ୍ରୀ ହୋଇ ରହିବି । ବଡ ଆନନ୍ଦରେ ଆମେ ଦୁହେଁ ରହିବା । ମୁଁ ଆଉ ବାଉଁଶର ମୁଠି ଧରି ବୁଲିବି ନାହିଁ କି ତୁମେ ଆଉ ତନ୍ତ ଠେଲିବ ନାହିଁ । ଆମ ଗୋଡତଳେ କେତେ ଲୋକ ଆସି ଖଟିବେ । ଭଣ୍ଡାରୀ ବନ୍ଧୁର କଥାରେ ତନ୍ତୀର ମନ ମାନିଲା ନାହିଁ । ତନ୍ତୀ କହିଲା, ତୁମ୍ଭେ ଯେଉଁ କଥା କହିଲ ତାହା, ଭଲକଥା ସତ କିନ୍ତୁ ମୁଁ ଟିକିଏ ଏ ବିଷୟରେ ମୋର ସ୍ତ୍ରୀ ସଙ୍ଗେ ଆଲୋଚନା କରି ଯାହା କରିବି । ସେ ଯାହା କହିବ ମାଗିବା ପାଇଁ ମୁଁ ବେତାଳକୁ ସେଇଆ ମାଗିବି । ଏହା କହି ତନ୍ତୀ ଲସରପସର ହୋଇ ଯାଇ ଘରେ ପହଞ୍ଚି ଗଲା । ସ୍ତ୍ରୀକୁ ସବୁ କଥା କହିଲା । ଭଣ୍ଡାରୀ ଯେଉଁ ରାଜ୍ୟ ମାଗିବା କଥା କହିଥିଲା ସ୍ତ୍ରୀକୁ ସେ କଥା ମଧ୍ୟ କହିଲା ।

ତନ୍ତୀର ସ୍ତ୍ରୀ ସବୁ ଶୁଣିଲା । ସେ ତ ତନ୍ତୀଠାରୁ ଆହୁରି ବୁଦ୍ଧିଆ । ବହୁତ ଭାବି ଭାବି କହିଲା, ନା-ନା ରାଜ୍ୟ ଆମର କ'ଣ ହେବ । ରାଜ୍ୟ ଚଳାଇବା ବଡ କଷ୍ଟସାଧ୍ୟ । ରାଜା ହେଲେ କେବେ ଶାନ୍ତିରେ ରହି ପାରିବ ନାହିଁ । ରାଜ୍ୟରେ ଅନେକ କଥା ବୁଝିବାକୁ ପଡ଼ିବ । କେତେ ପ୍ରକାର ଆପତ୍ତି ଅଭିଯୋଗ ବିଚାର କରିବାକୁ ପଡ଼ିବ । ସେ ସବୁ କରିବା ବଡ କଷ୍ଟ । ଆଉ ମଧ୍ୟ ରାଜ୍ୟ ରହିଲେ ଯୁଦ୍ଧ କରିବାକୁ ହେବ । ଏସବୁ ଆମେ ତୁଲାଇ ପାରିବା ନାହିଁ ।

ସ୍ତ୍ରୀର କଥା ତନ୍ତୀର ମନକୁ ପାଇଲା । ତେବେ କ'ଣ ମାଗିଲେ ଆମର ଦୁଃଖ ଯିବ ବୋଲି ତନ୍ତୀ ସ୍ତ୍ରୀକୁ ତାର ପଚାରିଲା ।

ତନ୍ତୀଆଣୀ କହିଲା, ତୁମ୍ଭେ ତ ପ୍ରତିଦିନ ଖଣ୍ଡିଏ ଲୁଗା ବୁଣି ପାରୁଛ । ସେଥିରେ ଆମର ତ ଘର ଖର୍ଚ୍ଚ ଚଳିଯାଉଛି । ବର୍ତ୍ତମାନ ତୁମ୍ଭେ ଆଉ ଦୁଇଟି ହାତ ଓ ଆଉ ଗୋଟିଏ ମୁଣ୍ଡ ମାଗ । ତାହାହେଲେ ତୁମର ୪ ହାତ ୨ ମୁଣ୍ଡ ହେବ । ଆଗପଛ କରି ଦୁଇଖଣ୍ଡ ଲୁଗା ତୁମ୍ଭେ ଏକ ସମୟରେ ବୁଣି ପାରିବ । ତାହାହେଲେ ଆମର ଅଭାବ ଆଉ ରହିବ ନାହିଁ । ଆମ ହାତରେ ପଇସା ବଳିବ । ସେଥିରେ ଆମେ ନୂଆଘର ଖଣ୍ଡିଏ ତିଆରି କରିପାରିବା । ପିଲାମାନଙ୍କର ବାହା ପୁଆଣି କରି ପାରିବା । ଆମେ ତ ହେଲେ ତନ୍ତୀ । ଆମ ବେଉସା ଛାଡ଼ି ଅନ୍ୟ ଧନ୍ଦା କଲେ ଆମର କ୍ଷତି ହେବ ।

ସ୍ତ୍ରୀ କଥାଟି ତନ୍ତୀ ମନକୁ ବେଶ୍ ପାଇଲା । ସ୍ତ୍ରୀର ବୁଦ୍ଧିକୁ ଭାରି ପ୍ରଶଂସା କରି ତନ୍ତୀ ବେତାଳ ପାଖକୁ ଦୌଡ଼ିଲା । ବେତାଳକୁ କହିଲା, ମୋତେ ଆଉ ଦୁଇଟି ହାତ ଓ ଆଉ ଗୋଟିଏ ମୁଣ୍ଡ ଦିଅ । ତ ହାହେଲେ ମୁଁ ଥରକେ ଦୁଇ ଖଣ୍ଡ ଲୁଗା ବୁଣି ପାରବି । ମୋର ଆୟ ଦୁଇଗୁଣ ହେଲେ ମୁଁ ଆନନ୍ଦରେ ଚଳିବି ।

ତନ୍ତୀଟି ଏହା ମାଗିବାମାତ୍ରେ ବେତାଳ ତନ୍ତୀକୁ ଆଉ ଦୁଇଟି ହାତ ଓ ଆଉ ଗୋଟିଏ ମୁଣ୍ଡ ଦେଇଦେଲା । ଦୁଇଟା ମୁଣ୍ଡ ଓ ଚାରିଟା ହାତ ଦେଖି ତନ୍ତୀ ଆନନ୍ଦମନରେ ଘରକୁ ଫେରିଲା । ସେତେବେଳେ ତନ୍ତୀ ଏକ ଭୀଷଣ ରାକ୍ଷସ ପରି ଦେଖାଗଲା । ତନ୍ତୀ ଯେତେବେଳେ ଏହି ଭୟାନକ ରୂପରେ ଗାଁ ଭିତରେ ପଶିଲା ଲୋକମାନେ ଭୟ କଲେ । ତାକୁ ଏକ ରାକ୍ଷସ ବୋଲି ଭାବି ଗାଁ ଲୋକେ ପିଟି ପିଟି ମାରିଦେଲେ ।

ସ୍ତ୍ରୀ ବୁଦ୍ଧିରେ ପଡ଼ି ଶେଷକୁ ତନ୍ତୀ ମଲା । ନିଜର ବୁଦ୍ଧି ନ ଥିଲେ ପର ବୁଦ୍ଧିରେ ପଡ଼ିଲେ ଏହିପରି ଦଶା ଭୋଗିବାକୁ ହୁଏ ।

Digitalization by :-
Deb’s Library Corner…
Telegram link :-https://t.me/debslibrarycorner

ଗୋଟିଏ ଗାଆଁରେ ଦୁଇଟି ଭାଇ ବାସ କରୁଥିଲେ । ପିଲାଟି ଦିନରୁ ସେମାନେ ବାପଛେଉଣ୍ଡ ଥିଲେ । ମାଆ ବିଚରା ବାର ଦୁଃଖ ଧନ୍ଦା କରି ପିଲା ଦୁଇଟିଙ୍କୁ ପାଳିଲେ । ବଡ ଭାଇଟି ଯାହୁଁ ଟିକିଏ ବଡ ହୋଇଗଲା, ସେ ଗାଁରେ କାମଦାମ କରି ଘର ଚଳାଇଲା । ମାଆଟି ବୁଢୀ ହୋଇଯିବାରୁ କାମଧନ୍ଦାକୁ ପାରିଲା ନାହିଁ । ବଡ ଭାଇଟି ଏକା ତିନି ପ୍ରାଣୀ କୁଟୁମ୍ବ ଚଳାଇଲା ।

ଏହି ସମୟରେ ସେ ରାଜ୍ୟରେ ଦୁର୍ଭିକ୍ଷ ପଡିଲା । କାମ ଦାମ ମିଳିଲା ନାହିଁ । ଯାହା ଦୁଆରକୁ ମାଗିଯାଚି ଗଲେ ମୁଠେ ଚାଉଳ ମଧ୍ୟ ମିଳିଲା ନାହିଁ । ବଡ ଭାଇ ପରିବାର ଚଳାଇ ନପାରି ସାନ ଭାଇକୁ କହିଲା, ମୁଁ ଦୁଃଖେ ସୁଖେ ଆଜିଯାଏ ଚଳାଇ ଆସିଲି । ଆଉ ଏଣିକି ତୁମକୁ ସବୁ ଚଳାଇ ପାରିବି ନାହିଁ । ତୋ କଥା ତୁ ଏଣିକି କର ।

ବଡ ଭାଇ କଥା ଶୁଣି ସାନ ଭାଇ ଘର ଛାଡି ଅନ୍ୟଆଡେ ଯାଇ ନିଜ ପେଟ ପୋଷିବା ଲାଗି ବାହାରିଲା । ମାଆ ମଧ୍ୟ ସାନପୁଅ ସଙ୍ଗେ ଯିବା ଲାଗି ବାହାରିଲା ।

ମାଆ ଓ ସାନ ପୁଅ ଘର ଛାଡି ଚାଲିଗଲେ । ସେମାନେ ଯାଉ ଯାଉ ଏକ ଜଙ୍ଗଲ ଭିତରେ ପଶିଲେ । କେଉଁଠି ରହିବେ, କ'ଣ ଖାଇବେ ଏ ବିଷୟରେ ମାଆ, ପୁଅ କଥାବାର୍ତ୍ତା ହୋଇ ଯାଉ ଯାଉ ଜଙ୍ଗଲ ଭିତରେ ଗୋଟିଏ କୁଡିଆ ଦେଖିଲେ । "ନିରାଶ୍ରୟକୁ ଦଇବ ସାହା" । ମା ଓ ପୁଅ ସେହି କୁଡିଆ ପାଖକୁ ଗଲେ । ଦେଖିଲେ କୁଡିଆଟି ଖାଲି । କେହି ନାହାନ୍ତି । ମା ଓ ପୁଅ ସେହି କୁଡିଆରେ ରହିଲେ । ମୁଣ୍ଡ ଗୁଞ୍ଜିବାକୁ ଜାଗାଟିଏ ସିନା ମିଳିଲା । ଏଣିକି ଖାଇବେ କ'ଣ, ଏଇ ଭାବନାରେ ପଡିଲା । ରାତିଟା ଉପାସରେ ମା ପୁଅ କଟାଇଲେ ।

ସକାଳୁ ପୁଅ ମା'କୁ କହିଲା, ମା ମୁଁ ଏଇ ଜଙ୍ଗଲକୁ ଯାଉଛି । କିଛି କାଠ ସଂଗ୍ରହ କରି ବିକିବାକୁ ନେବି । ସେଇଥିରେ ଡାଲି ଚାଉଳ କିଣି ଆଣିବି । ମୁଁ ଆସିଲେ ରନ୍ଧାବଢ଼ା କରି ଖାଇବା । ଏହା କହି ପୁଅ ଗୋଟାଏ କୁରାଢ଼ୀ ଧରି ଜଙ୍ଗଲକୁ ଗଲା । ଗୋଛାଏ କାଠ ସଂଗ୍ରହ କରି ଜଙ୍ଗଲ ଆରପାରି ଗୋଟିଏ ଛୋଟିଆ ସହରକୁ ଗଲା । ସେଠାରେ କାଠତକ ବିକି ସେଇ ପଇସାରେ ଚାଉଳ, ଡାଲି କିଣି ଆଣି ମାଆକୁ ଦେଲା । ମା ତାର ରାନ୍ଧି ବାଢ଼ି ଦେଲେ । ମାଆ ଓ ପୁଅ ଖାଇ ପିଇ ରହିଲେ । ଏହିପରି ପ୍ରତିଦିନ ପୁଅଟି କାଠ ବିକି ଯାହା ଆଣେ ସେଥିରେ ମା ଓ ପୁଅ ଚଳିଯାଆନ୍ତି ।

ଦିନେ ପୁଅଟି ଜଙ୍ଗଲର ବହୁ ଭିତରକୁ କାଠ ପାଇଁ ଗଲା । ଜଙ୍ଗଲ ଭିତରେ ବୁଲୁ ବୁଲୁ ଦେଖିଲା, ଗୋଟିଏ ପଥର ଚଟାଣ ଉପରେ ଗୋଟିଏ ବଡ଼ ପଥରର ସିଂହମୂର୍ତ୍ତି ଅଛି । ସିଂହ ମୂର୍ତ୍ତିକୁ ଦେଖି ପିଲାଟି ଭାବିଲା ଏ ବୋଧହୁଏ ଜଙ୍ଗଲର ଦେବତା । ଏହାଙ୍କୁ ପୂଜା ଆରାଧନା କଲେ ନିଶ୍ଚୟ ଫଳ ମିଳିବ । ଏତକ ମନେ ମନେ ଭାବିଲା । କାଠ ସଂଗ୍ରହ କରି ବଜାରକୁ ଗଲା । ବଜାରରେ କାଠତକ ବିକି ସେଇ ପଇସାରେ ଡାଲି, ଚାଉଳ କିଣିଲା । ତା ସଙ୍ଗେ ପୂଜା ସାମଗ୍ରୀ କିଛି କିଣି କରି ଆଣିଲା । ତା ଆରଦିନ ଭୋରୁ ଭୋରୁ ଉଠି ପୂଜା ଜିନିଷତକ ଧରି ଜଙ୍ଗଲକୁ ଗଲା । ବଣରୁ କିଛି ଫୁଲ ତୋଳିଲା । ସିଂହମୂର୍ତ୍ତି ପାଖେ ପହଞ୍ଚିଲା । ସେହି ସିଂହମୂର୍ତ୍ତି ମୁଣ୍ଡରେ ଫୁଲତକ ଚଢ଼ାଇଲା । ଘିଅ ବଳିତାଟିଏ ଜାଳି ଦେଲା । ମୁଣ୍ଡିଆଟିଏ ସିଂହର ପାଦତଳେ ମାରି ଜଙ୍ଗଲ ଭିତରକୁ ଗଲା । କାଠ ସଂଗ୍ରହ କରି ସବୁଦିନପରି କାଠତକ ବିକି ଖାଇବା ଜିନିଷ କିଣିଲା । ତା ସଙ୍ଗେ ପୂଜା ଜିନିଷ କିଣି କୁଡ଼ିଆକୁ ଫେରିଲା ।

ପିଲାଟି ଏହିପରି ପ୍ରତିଦିନ ଯାଇ ଆଗ ସିଂହ ମୂର୍ତ୍ତିକୁ ପୂଜା କରେ । ତାପରେ ଯାଇ ନିଜ କାମ କରେ ।

ଦିନେ ପୂଜା ସାରି ପିଲାଟି ସିଂହ ପାଦତଳେ ମୁଣ୍ଡିଆଟିଏ ମାରି ଉଠିଲା ବେଳକୁ ସିଂହ ପାଟିରୁ କଥା ବାହାରିଲା । ସିଂହ କହିଲା, "ରେ, ବାଳକ, ତୁ କିଏ ? ମୁଁ ଏବେ ତୋ ଉପରେ ସନ୍ତୁଷ୍ଟ ହୋଇଅଛି । ତୋର ଅଭାବ କଣ ମୋତେ କହ ।

ବାଳକଟି ସିଂହ ପାଟିରୁ କଥା ଶୁଣି, ତା ଗୋଡ଼ତଳେ ଲମ୍ବ ହୋଇ ପଡ଼ିଗଲା ଏବଂ ତାର ଦୁଃଖ କାହାଣୀ ସିଂହକୁ କହିଲା । ସିଂହ ଦେଖିଲା, ପ୍ରକୃତରେ ବାଳକଟି ଅତି ଦୁଃଖୀ । ତାର ଦୁଃଖ ଦୂର କରିବା ଲାଗି ସିଂହ କହିଲା, କାଲି ଗୋଟିଏ ବାଲ୍‌ଟି ନେଇ କରି ଆସିବୁ । ମୁଁ ଯାହା ଦେବି ସେତକ ନେଇ ବିକି ଭଙ୍ଗି ଆନନ୍ଦରେ ରହିବୁ । ଆଉ ଏ କାଠ ବେପାର କରିବୁ ନାହିଁ ।

ତା ପରଦିନ ସକାଳୁ ବାଳକଟି ଗୋଟିଏ ବାଲ୍‌ଟି ଧରି ପଥର ସିଂହ ପାଖରେ ପହଞ୍ଚିଲା । ସବୁଦିନ ପରି ସିଂହକୁ ପୂଜା କଲା, ପୂଜା

ଶେଷରେ ସିଂହ ବାଳକଟିକୁ କହିଲା, ମୋ ମୁହଁ ପାଖେ ବାଲ୍‌ଟିକୁ ରଖ, ଯେତେବେଳେ ବାଲ୍‌ଟି ସୁନା ମୋହରରେ ପୂର୍ଣ୍ଣ ହୋଇଯିବ, ମୋତେ କହିଦେବୁ । କିନ୍ତୁ ମନେ ରଖିଥା ଗୋଟିଏ ହେଲେ ମୋହର ଯେପରି ତଳେ ନ ପଡେ ।

ସିଂହ କହିବାନୁସାରେ ବାଳକଟି ଠିକ୍ ସେହିପରି କଲା । ସିଂହର ମୁହଁ ପାଖରେ ବାଲ୍‌ଟି ରଖି ଠିଆ ହେଲା । ସିଂହ ପାଟିରୁ ଗଳ ଗଳ ହୋଇ ସୁନା ମୋହର ସବୁ ବାଲ୍‌ଟିରେ ପଡ଼ି ବାଲ୍‌ଟି ପୂର୍ଣ୍ଣ ହୋଇଗଲା । ବାଲ୍‌ଟି ପୂର୍ଣ୍ଣ ହୋଇଯିବାରୁ ବାଳକଟି ସିଂହକୁ କହି-ଦେଲା । ସିଂହ ପାଟିରୁ ମୋହର ବାହାରିବା ବନ୍ଦ ହୋଇଗଲା । ସିଂହ କହିଲା, ଯା, ଏଥର ଏତକ ନେଇ ବିକି ଚଳିବୁ । ଯେତେବେଳେ ଅଭାବ ହେବ ଆସିଲେ ମୁଁ ତୋତେ ଆଉ କିଛି ମୋହର ଦେବି । କିନ୍ତୁ ମନେରଖ--ବେଶୀ ଲୋଭ କରିବୁ ନାହିଁ । ମୋହରକୁ ଲୁଚାଇ ମିଛରେ ମୋତେ କହିବୁ ନାହିଁ ।

ବାଳକଟି ସିଂହର ପାଦତଳେ ମୁଣ୍ଡିଆଟିଏ ମାରି ମୋହରତକ ଧରି କୁଡ଼ିଆକୁ ଗଲା । ମା ତା'ର ମୋହରତକ ଦେଖି ଖୁସି ହେଲା । ସେହିଦିନଠାରୁ କାଠ ବେପାର ବନ୍ଦ ହେଲା ।

ମା', ପୁଅ ମୋହର ବିକି ବହୁତ ଟଙ୍କା ପାଇଲେ । ସେହି ଟଙ୍କାରେ ଭଲ ଘରଟିଏ ତିଆରି କଲେ । ଜମିବାଡ଼ି କିଣିଲେ । ଗୃହକର, ହଳିଆ ରଖି ଆନନ୍ଦରେ ରହିଲେ । କିନ୍ତୁ ପିଲାଟି ପ୍ରତିଦିନ ସେହି ସିଂହ ମୂର୍ତ୍ତିକୁ ପୂଜା କରିବାରେ ହେଳା କରେ ନାହିଁ । ସିଂହର ଆଶୀର୍ବାଦରୁ ତାର ଦୁଃଖ ଗଲା ।

ଏଣେ ତାର ବଡ ଭାଇ ବଡ କଷ୍ଟରେ ଚଳୁଥାଏ । ସେ କେମିତି ଖବର ପାଇଲା ତାର ସାନ ଭାଇ ଖୁବ୍ ଭଲରେ ରହିଲାଣି । ଦିନେ ବଡଭାଇ ସାନ ଭାଇକୁ ଦେଖିବା ଲାଗି ଆସି ପହଞ୍ଚିଲା । ସାନ ଭାଇର ଘରଦ୍ୱାର, ଜମିବାଡ଼ି, ବିଗିଚା ଦେଖି ଆଶ୍ଚର୍ଯ୍ୟ ହୋଇଗଲା । ବଡ ଭାଇକୁ ପାଇ ସାନ ଭାଇ ଓ ତାର ମା ଭାରି ଖୁସି । ବହୁତ ଆଦର ଗୌରବ କରି ରଖିଲେ । ଖୁବ୍ ଭଲ ଖାବାରେ ଖାଇବା ପିଇବାକୁ ଦେଲେ । କିନ୍ତୁ ସାନ ଭାଇର ଏସବୁ ବିଷୟବାଡ଼ି ଦେଖି ବଡ ଭାଇର ଦେହ ସହୁ ନଥାଏ । ମନ ଭିତର ଖାଲି ହିଂସାରେ ଜଳି ପୋଡ଼ି ଯାଉଥାଏ । କେବଳ ଉପର ମନରେ ହସି ହସି କଥାବାର୍ତ୍ତା ହେଉଥାଏ ଦିଭାଇ ଖାଇ ବସିଲେ । ଖାଇ ବସିଲାଠାରେ ବଡ ଭାଇ ସାନ ଭାଇକୁ ପଚାରିଲା, ସେ କିପରି ଏତେ ଧନ ପାଇଲା । ସାନଭାଇର ମନରେ ତ ଛନ୍ଦ କପଟ ନାହିଁ । ସେ ବା କାହିଁକି ବଡ ଭାଇକୁ ଲୁଚାଇବ । ତାର ଇଚ୍ଛା ବଡ ଭାଇ ତାରି ପରି ସୁଖରେ ରହନ୍ତୁ । ଯେତେହେଲେ ତ ଭାଇ, ନିଜର ରକ୍ତ । ଏକା ମା ପେଟରୁ ଜନମ । ସାନ ଭାଇ ସବୁ କଥା କହିଦେଲା ।

ବଡ ଭାଇ ସବୁଶୁଣି ମନେ ମନେ ରଖିଲା । ସକାଳୁ ଉଠି ଘରକୁ ଯାଉଛି ବୋଲି କହି ପଥର ସିଂହ ମୂର୍ତ୍ତି ପାଖେ ପହଞ୍ଚିଲା । ଧୂପଦୀପ

ଦେଇ ପୂଜା କଲା । ସିଂହ ମୂର୍ତ୍ତିକୁ ସବୁ ଦୁଃଖ ଜଣାଇଲା । ସିଂହ କହିଲା, ଗୋଟାଏ ବାଲ୍‌ଟି ମୋ ମୁହଁ ପାଖରେ ରଖ । ବଡ ଭାଇ ତ ସଙ୍ଗରେ ଗୋଟିଏ ବଡ ବାଲ୍‌ଟି ନେଇଥିଲା । ବାଲ୍‌ଟିକୁ ଆଣି ସିଂହର ମୁହଁ ପାଖରେ ଥୋଇଦେଲା । ସିଂହ କହିଲା - ବାଲ୍‌ଟି ପୂର୍ଣ୍ଣ ହୋଇଗଲେ ମୋତେ କହିଦେବୁ । ଗୋଟିଏ ହେଲେ ମୋହର ଯେପରି ତଳେ ନ ପଡେ । ସିଂହ ମୁହଁରୁ ଗଳଗଳ ହୋଇ ସୁନା ମୋହର ବାଲ୍‌ଟିରେ ପଡିବାକୁ ଲାଗିଲା । ସୁନା ମୋହର ବାଲ୍‌ଟିରେ ଯେତେ ପଡୁଥାଏ ବଡ ଭାଇର ଲୋଭ ସେତେ ବଢୁଥାଏ । ବେଶି ମୋହର କିପରି ବାଲ୍‌ଟିରେ ହେଇ ପାରିବ ସେଥିପାଇଁ ସେ ବାଲଟିକୁ ମଝିରେ ମଝିରେ ହଲାଇ ଦେଉଥାଏ । ଏହି ସମୟରେ ବାଲଟି ମୋହରରେ ପୂର୍ଣ୍ଣ ହୋଇଗଲା; କିନ୍ତୁ ବଡ ଭାଇ ସିଂହକୁ କିଛି କହିଲା ନାହିଁ । ବାଲ୍‌ଟି ପୂରି ମୋହର ଯାଇ ତଳେ ପଡିଲା । ମୋହର ତଳେ ପଡିବା ସିଂହ ଜାଣି-ପାରିଲା । ବଡ ଭାଇର ଲୋଭ ଦେଖି ସିଂହ ତାକୁ ଠିକଣା ଶିକ୍ଷା ଦେବା ଲାଗି ଗଁ ଗଁ ହୋଇ କହିଲା, ଆରେ ହେ, "ମୋ ତଣ୍ଟିରେ ଗୋଟାଏ ବଡ ମୋହର ଲାଗି ଯାଇଛି । ମୋ ପାଟି ଭିତରେ ହାତ ପୂରାଇ ସେଇଟା ବାହାର କରି ନେ । ନଇଲେ ମୋ ପ୍ରାଣ ବାହାରିଯିବ ।" ବଡ ଭାଇ ଲୋଭରେ ଆଉ ମୋହର ପାଇବା ଲାଗି ସିଂହ ପାଟିରେ ହାତ ପୂରାଇ ଦେଲା । ସିଂହ ସଙ୍ଗେ ସଙ୍ଗେ ପାଟି ବନ୍ଦ କରି ଦେଲା । ବଡ ଭାଇ ଆଉ ସିଂହ ପାଟିରୁ ହାତ ବାହାର କରି ପାରିଲା ନାହିଁ । କେମିତି ଅବା ଆସିବ । ସେଇଠି ବସି ରହିଲା । ହାତଟା ତ ସିଂହ ପାଟି ଭିତରେ ଅଛି । ସିଂହ ତ ପାଟି ଖୋଲୁ ନାହିଁ । ଏଣେ ବାଲ୍‌ଟିକ ଯାକ ସୁନା ମୋହର କ୍ରମେ ସବୁ ଉଭେଇଗଲା ।

ବଡ ଭାଇ ସିଂହ ପାଟି ଭିତରେ ହାତଟି ପୂରାଇ ବସି ରହିଲା । ଦିନ ଯାଇ ରାତି ହେଲା । ବଡ ଭାଇ ଘରକୁ ନ ଫେରିବାରୁ ତା'ର ସ୍ତ୍ରୀ ଖୋଜିବାକୁ ଆସି ସାନ ଭାଇ ଘରଠାରେ ପହଞ୍ଚିଲା । ସାନ ଦିଅରଠାରୁ ସବୁ କଥା ବୁଝି ଜଙ୍ଗଲକୁ ଗଲା । ଜଙ୍ଗଲ ଭିତରେ ଦେଖିଲା, ତାର ସ୍ୱାମୀ ସିଂହ ପାଟି ଭିତରେ ହାତଟି ପୂରାଇ ବସିଅଛି । ସ୍ୱାମୀର ଅବସ୍ଥା ଦେଖି ସ୍ତ୍ରୀ ବହୁତ କାନ୍ଦିଲା । ସିଂହକୁ କେତେ ନେହୁରା ହେଲା । କିନ୍ତୁ ପଥର ସିଂହ ପଥର ପରି ହେଲା । ଶେଷରେ ସ୍ତ୍ରୀ ତାର ନିରାଶ ହୋଇ ଘରକୁ ଗଲା । କାହାକୁ ଏ ଦୁଃଖ କଥା ଅବା କହିବ ? ଯେ ଶୁଣିବ ସେ କେତେ ଟାପରା କରିବେ । ସ୍ତ୍ରୀଟି ତାର ଭାଗ୍ୟକୁ ଆଦରି ଘରେ ରହିଲା ।

ସ୍ତ୍ରୀ ତାର ପ୍ରତିଦିନ ଖାଇବା ଜିନିଷ ନେଇ ସ୍ୱାମୀକୁ ସେହି ସିଂହ ପାଖରେ ଦେଇ ଆସେ । ସ୍ୱାମୀ ତାର ଖାଇ ସେଇଠି ବସିଥାଏ । ଏହିପରି କେତେ ବର୍ଷ, ମାସ, ଶୀତ, କାକର, ବର୍ଷା ବିତିଗଲା । ସ୍ତ୍ରୀ ତାର ଘରେ ଯାହାସବୁ ଥିଲା ବିକି ଭାଙ୍ଗି ଚଳାଇ ନେଲା । ଦିନେ ଆଉ କିଛି ମିଳିଲା ନାହିଁ । ଖାଲି ହାତରେ ଯାଇ ତାର ସ୍ୱାମୀକୁ କହିଲା, ଘରେ ଯାହା ସବୁ ଥିଲା ବିକିଭାଙ୍ଗି ଆଜିଯାଏ ମୁଁ ଚଳାଇ ଆସିଲି । ଆଜିଠାରୁ ଏଣିକି ଖାଲି ପେଟରେ ବସିବ । ଯେଉଁ କର୍ମ କରିଛ ତାର

ଫଳ ଭୋଗ କରିବ । ତୁମ୍ଭେ ତ ଏଠାରେ ମରିବ । ତା ସଙ୍ଗେ ଆମ ପାଞ୍ଚ ପ୍ରାଣୀ କୁଟୁମ୍ବ ମଧ୍ୟ ମରିବେ ।

ସ୍ତ୍ରୀର କଥା ସିଂହ ଶୁଣିଲା । ତା ମନରେ ଏଥର ଦୟା ହେଲା । ସିଂହଟି ହସି ଉଠିଲା । ସେତେବେଳେ ତା'ର ପାଟି ମେଲା ହୋଇଗଲା, ବଡ ଭାଇ ହାତଟି ବାହାର କରି ଣିଲା । ସିଂହର ପାଟି ବନ୍ଦ ହୋଇଗଲା ।

ବଡ ଭାଇ ଆସି ସାନ ଭାଇକୁ ସବୁ କଥା କହିଲା । ସାନ ଭାଇ ଭାବି ଦୁଃଖ କଲା । ସେ ଦିନ ବଡଭାଇର ମଙ୍ଗଳ ପାଇଁ କହିଥିଲା । ବଡଭାଇ ଏପରି ଲୋଭ କରିବା କ'ଣ ଜାଣିଥିଲା । ଯାହା ତ ହେବାର ହେଲାଣି । ଏହା କହି ସାନ ଭାଇ ତା ହମେଣ୍ଡିରୁ ଅଧେ ବଡ ଭାଇକୁ ଦେଲା । ଦି ଭାଇ ସୁଖରେ ଘର କରି ରହିଲେ ।

Digitalization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :-https://t.me/debslibrarycorner

ନ୍ୟାୟ ବିଚାର

ଗୋଟିଏ ଦେଶରେ ଜଣେ ରଜା ରାଜୁତି କରୁଥିଲେ । ତାଙ୍କ ନାମ ଧର୍ମପାଳ । ପ୍ରକୃତରେ ସେ ଧର୍ମରେ ପ୍ରଜାଙ୍କୁ ପାଳୁଥିଲେ । ତାଙ୍କ ପାଖରେ ବଡ ସାନର ଭେଦଭାବ ନଥିଲା । ପକ୍ଷପାତ ବିଚାର ତାଙ୍କ ପାଖରେ ନଥିଲା । ତାଙ୍କ ରାଜ୍ୟର ବିଚାର ପ୍ରଣାଳୀ ଅନ୍ୟ ରାଜ୍ୟର ବିଚାର ପ୍ରଣାଳୀଠାରୁ ଅଲଗା ଥିଲା । ଯିଏ ଯାହାର ଯେଉଁ ଭଳି କ୍ଷତି କରୁଥିଲା, ତାକୁ ଠିକ୍ ସେହିଭଳି ଦଣ୍ଡ ଦିଆ ଯାଉଥିଲା । ମନେକର ଜଣେ ଲୋକ ଅନ୍ୟ ଜଣକର ଗୋଡକୁ ବାଡେଇ ଭାଙ୍ଗି ଦେଲା । ଅନ୍ୟ ଜଣକ ସେହିପରି ତାର ଗୋଡ ଭାଙ୍ଗିବ । ଏହିପରି ବିଚାରଧାରା ସେ ରାଜ୍ୟରେ ଚାଲୁଥିଲା ।

ଦିନେ ରଜା ଦରବାରରେ ବସିଛନ୍ତି । ସଭାସଦ, ପାତ୍ର ମନ୍ତ୍ରୀମାନେ ବସିଛନ୍ତି । ଦରବାର ଚାଲିଛି । ଏହି ସମୟରେ ଗୋଟାଏ ନାଗସାପ କାହୁଁ ଆସି ଦରବାର ଭିତରେ ପଶିଗଲା । ସାପଟାକୁ ଦେଖି ସମସ୍ତେ ଛାଉଳି ଖାଇଲେ । କିଏ ଦୌଡିଲା ତ କୁଣ୍ଡ ପାଇଁ, କିଏ ଦୌଡିଲା ଠେଙ୍ଗା ପାଇଁ । ଦରବାରରେ ଏ ହାଲ ଛାଉଳି ଶୁଣି ଯୁବରାଜ ଆସି ପହଞ୍ଚିଗଲେ । ତାଙ୍କ ହାତରେ ଖଣ୍ଡା ଥିଲା । ସେ ହଠାତ୍ ଖଣ୍ଡାରେ ସାପଟିକୁ ଚୋଟେ ଦେଲେ । ସାପଟି ଦୁଇଗଡ ହୋଇଗଲା । ସାପଟି ଜୀବନ ବିକଳରେ ଦରବାରରୁ ପଳାଇଯାଇ ନିଜ ଗାତ ଭିତରେ ପଶିଗଲା । ନାଗୁଣୀ ନାଗର ଏ ଦଶା ଦେଖି ମୁଣ୍ଡ ବାଡେଇ ଦେଲା । କେତେ କାନ୍ଦିଲା । ସେତେବେଳକୁ ନାଗର ଜୀବନ ଯିବାକୁ ଆଉ ଅଳ୍ପ ସମୟ ଥାଏ । ନାଗୁଣୀର ବିକଳ ଦେଖି ନାଗ କହିଲା, ତୁ ଏହାର ପ୍ରତିଶୋଧ ଲାଗି ଯୁବରାଜକୁ ଯଦି ମାରି ଦେଇପାରିବୁ ତେବେ ଯାଇ ହେବ । ଏହା ବୋଲି ହଠାତ୍ କିଛି କରିଦେବୁ ନାହିଁ । ଆଗ ଯାଇ ରଜାଙ୍କୁ ଏକଥା ଜଣାଇବୁ । ସେ ତ ବିଚାରପତି । ନ୍ୟାୟ ବିଚାର କରନ୍ତି । ରଜା କ'ଣ ବିଚାର କରୁଛନ୍ତି ଦେଖିବୁ । ତାପରେ ବୁଝି ବିଚାରି କାମ କରିବୁ । ଏତିକି କହି ନାଗ ମରିଗଲା ।

ନାଗୁଣୀର ତ ରାଗ ଅଛି । ସେ କିପରି ଯୁବରାଜଙ୍କୁ ମାରିବ । ଯହୁଁ ରାତି ହୋଇଗଲା ନାଗୁଣୀ ରାଜାଙ୍କ ଉଆସକୁ ଗଲା । ଯୁବରାଜ ଯେଉଁ ଘରେ ଶୋଇଥିଲେ ସେ ଘରେ ପଶି ଯୁବରାଜର ବେକରେ ଗୁଡାଇ ହୋଇଗଲା । କାମୁଡିଲା ନାହିଁ । କାରଣ ନାଗ ତ କହିଛି ବୁଝି ବିଚାରି କାମ କରିବୁ । ଯୁବରାଜଙ୍କ ନିଦ ଭାଙ୍ଗିଗଲା । ସେ ଦେଖିଲେ ଏକ ମସ୍ତବଡ ସାପ ତାଙ୍କ ବେକରେ ଗୁଡେଇ ହୋଇଛି । ଭୟରେ ଚିତ୍କାର କରିବାକୁ ଲାଗିଲେ । ରାତି ଅଧରେ ଯୁବରାଜଙ୍କ ପାଟି ଶୁଣି ଉଆସରେ ଥିବା ଚାକର ବାକର ଜମା ହୋଇଗଲେ । ଯୁବରାଜଙ୍କ ବେକରେ ନାଗ ସାପଟାଏ ଗୁଡାଇ ହୋଇ ଫଣା ଟେକି ରହିଅଛି । ନାଗକୁ ମାରିବେ କିପରି ? ନାଗକୁ ମାରୁ ମାରୁ ଖଣ୍ଡାଚୋଟ ଯଦି ଯୁବରାଜଙ୍କ ବେକରେ ବସିବ ତେବେ ଯୁବରାଜ ମରିବେ । ନାଗକୁ ନ ମାଇଲେ ନାଗ କାମୁଡି ଯୁବରାଜଙ୍କୁ ମାରିଦେବ । ନାଗକୁ ମାରିବାର କୌଣସି ଉପାୟ ପାଇଲେ ନାହିଁ । ଏହି ସମୟରେ ରାଜା ଆସି ପହଞ୍ଚିଲେ । ରାଜାଙ୍କୁ ଦେଖି ନାଗୁଣୀ କହିଲା, ମହାରାଜ ! ଆପଣ ତ ନ୍ୟାୟ ବିଚାର କରନ୍ତି । ମୋ ଆପତ୍ତିର ବିଚାର କରନ୍ତୁ । ରାଜା ନାଗୁଣୀକୁ ପଚାରିଲେ, ଆଚ୍ଛା ତୋର ଆପତ୍ତି କଣ କହ । ନାଗୁଣୀ ଆଖି ଛଳଛଳ କରି କହିଲା, ମୋର ସ୍ୱାମୀ ବାଟ ଭୁଲି ଦିନେ ହଠାତ୍ ଆପଣଙ୍କ ଦରବାରରେ ପଶି ଯାଇଥିଲେ । ସେ କାହାରି କିଛି କ୍ଷତି କରି ନଥିଲେ । ଯୁବରାଜ କାହିଁକି ତାଙ୍କୁ ମାରିଲେ । ଫଳରେ ମୁଁ ସ୍ୱାମୀଙ୍କୁ ହରାଇ ବିଧବା ହେଲି । ମୋର ପାଞ୍ଚଟି ପିଲା, ତାଙ୍କୁ ଚଳାଇବ କିଏ ? ଆପଣଙ୍କ ବିଚାର ଧାରା ଅନୁସାରେ ମୁଁ ଯୁବରାଜଙ୍କୁ ମାରି ତାଙ୍କ ରାଣୀଙ୍କୁ ବିଧବା କରିବି । ଏହା ଠିକ୍ କି ନା ? ବିଚାର କରନ୍ତୁ ଓ ମୋତେ ନ୍ୟାୟ ଦିଅନ୍ତୁ ।

ରାଜା ନାଗୁଣୀର ଆପତ୍ତି ଶୁଣି କି ପ୍ରକାର ବିଚାର କରିବେ ଠିକ୍ କରି ପାରିଲେ ନାହିଁ । ନାଗୁଣୀ ଯାହା କହୁଛି ତାହା ତ ଠିକ୍ ବିଚାର । ଯଦି ରାଜା ନାଗୁଣୀର ବିଚାରକୁ ଠିକ୍ ବୋଲି କହିବେ ତେବେ ନାଗୁଣୀ ଯୁବରାଜଙ୍କୁ ମାରିଦେବ । ତେଣୁ ରାଜା ଏକ ଉପାୟ ପାଞ୍ଚିଲେ । ଏହି ଘଟଣାର ବିଚାର ଭାର ଦୁଇଜଣ ବିଚାରପତିଙ୍କ ଉପରେ ଛାଡିଦେଲେ । ସେମାନେ ବିଚାର କରି ଯାହା ରାୟ ଦେବେ ତାହାହିଁ ହେବ ।

ଦୁଇ ଜଣ ବିଚାରପତି ନାଗୁଣୀର ଅଭିଯୋଗ ଶୁଣିଲେ । ପ୍ରଥମ ବିଚାରପତି ରାୟ ଦେଲେ, ଯୁବରାଜ ଯେତେବେଳେ ନାଗର କ୍ଷତି କରିଛନ୍ତି ଏବଂ ନାଗୁଣୀକୁ ବିଧବା କରିଛନ୍ତି, ସେତେବେଳେ ନାଗ ନିଜେ ଯୁବରାଜଙ୍କର କ୍ଷତି କରି ରାଣୀଙ୍କୁ ବିଧବା କରିପାରିବ ।

ନାଗୁଣୀ ଏହି ରାୟ ଶୁଣି କହିଲା, ଏ ବିଚାର ତ ଠିକ୍ ହେଲା ନାହିଁ । ନାଗ ତ ଆଉ ଜୀବନରେ ନାହିଁ; ସେ କିପରି ଯୁବରାଜଙ୍କର କ୍ଷତି କରିବ । ତେଣୁ ଏହି ବିଚାର ନ୍ୟାୟ ସଂଗତ ହେଲା ନାହିଁ ।

ଦ୍ୱିତୀୟ ବିଚାରପତି ସେଠାରେ ବସି ସବୁ ଶୁଣୁଥିଲେ । ସେ କହିଲେ, ନାଗୁଣୀ ଯାହା କହିଲା ତାହା ଠିକ୍ କଥା । ନାଗ ତ

ମରିସାରିଲାଣି, ସେ କିପରି ଯୁବରାଜଙ୍କର କ୍ଷତି କରିବ । ନା-ନା- ବିଚାର ତା ନୁହେଁ । ଏହା କହି ଦ୍ୱିତୀୟ ବିଚାରପତି ନାଗୁଣୀକୁ ପଚାରିଲେ--ତୁମର ପିଲାପିଲି କେତୋଟି ? ନାଗୁଣୀ ଛଳଛଳ ଆଖିରେ କହିଲା, ପାଞ୍ଚୋଟି ।

ବିଚାରପତି କହିଲେ--ବେଶ, ତୁମ୍ଭେ ଯୁବରାଜଙ୍କୁ ମାରି ତାଙ୍କ ରାଣୀଙ୍କୁ ବିଧବା କରିବ ଚାହୁଁଛି । କିନ୍ତୁ ଗୋଟିଏ କଥା--ତୁମେ ଯେପରି ପାଞ୍ଚଟି ପିଲାର ମାଆ ହେଲା ପରେ ଯୁବରାଜ ତୁମକୁ ବିଧବା କରିଛନ୍ତି, ଯୁବରାଣୀ ସେମିତି ପାଞ୍ଚଟି ପିଲାର ମା ହେଲାପରେ ଯାଇ ତୁମେ ତାଙ୍କୁ ବିଧବା କରିପାରିବ । ତେବେ ଯାଇ ଆମ ରାଜ୍ୟର ବିଚାରଧାରା ଠିକ୍ ହେଲା ବୋଲି ଜଣାଯିବ । ବର୍ତ୍ତମାନ ରାଣୀଙ୍କର ଦୁଇଟି ପିଲା ଅଛନ୍ତି । ଆଉ ତିନୋଟି ପିଲା ହେବା ପର୍ଯ୍ୟନ୍ତ ତୁମକୁ ଅପେକ୍ଷା କରିବାକୁ ପଡ଼ିବ ।

ଏବେ ନାଗୁଣୀ ଏହି ବିଚାର ଶୁଣି ତୁନି ହେଲା । ଯୁବରାଜଙ୍କ ବେକରୁ ଖସି ଆସିଲା । ରାଣୀଙ୍କର ଆଉ ତିନୋଟି ପିଲା ହେବା ପର୍ଯ୍ୟନ୍ତ ଅପେକ୍ଷା କରି ରହିଲା ।

ରାଣୀଙ୍କର ଆଉ ପିଲା ହେଲେ ନାହିଁ । ନାଗୁଣୀ ବିଚାରା ରହି ରହି ଶେଷରେ ବୁଢ଼ୀ ହୋଇ ମଲା । ଯୁବରାଜଙ୍କୁ ମାରି ପାରିଲା ନାହିଁ କି ରାଣୀଙ୍କୁ ବିଧବା କରି ପାରିଲା ନାହିଁ ।

———

Digitalization by :-
Deb's Library Corner...
Telegram link :-https://t.me/debslibrarycorner

କିଶୋର ଚତୁରତା

ଗୋଟିଏ ଗାଁରେ ଗରିବ ସ୍ତ୍ରୀ ଲୋକଟିଏ ବାସ କରୁଥିଲା । ତାର ଗୋଟିଏ ବୋଲି ପୁଅ । ସ୍ତ୍ରୀଟି ଗାଁ ଭିତରେ ଲୋକଙ୍କର ଧାନକୁଟି, ପାଣି ଦେଇ, ବାସନ ମାଜି ଦୁଃଖେ କଷ୍ଟେ ଚଳୁଥିଲା । କ୍ରମେ ପୁଅ ବଡ ହୋଇଗଲା । ତାର ବୁଦ୍ଧି ହେଲା । ମା'ର ଦୁଃଖଧନ୍ଦା ଦେଖି ପୁଅ ମନରେ ବଡ ଦୁଃଖ ହେଲା । ପୁଅଟି ଦିନେ ମାଙ୍କୁ ତାର ଡାକି କହିଲା, ମା, ତୁ ତ ଏବେ ବୁଢୀ ହେଲୁଣି । ଆଉ କାମଦାମକୁ ତ ପାରୁ ନାହୁଁ । ମୁଁ ଏଥର ବିଦେଶ ଯାଇ ରୋଜଗାର କରି ତୋତେ ପୋଷିବି । ମା ପୁଅର କଥା ଶୁଣି ଭାରି ଖୁସି ହେଲା ସତ କିନ୍ତୁ ପୁଅକୁ ସେ ଏତେ ସ୍ନେହ କରୁଥିଲା ଯେ, ତାକୁ ମୁହୂର୍ତ୍ତେ ପାଖରୁ ଛାଡିବାକୁ ଇଚ୍ଛା କରୁ ନଥିଲା । ଏଣେ ତ ସେ ନିଜେ ଆଉ କାମ ଧନ୍ଦାକୁ ପାରୁ ନାହିଁ । ଘରେ ତ କିଛି ସଂପତ୍ତି ନାହିଁ । ତେଣୁ ମା, ପୁଅ କଥାରେ ରାଜି ହେଲା ।

ପୁଅକୁ ବିଦେଶକୁ ଛାଡିବା ପୂର୍ବରୁ ମା ଡାକି କହିଲା, ପୁଅରେ ତୁ ବିଦେଶ ଯିବୁ । ଦେଖି ଶୁଣି ହୁସିଆର ହୋଇ ଚଳିବୁ । ମୋର ଏହି ତିନୋଟି କଥା ମାନି ସବୁବେଳେ ଚଳିବାକୁ ଚେଷ୍ଟା କରିବୁ । ପ୍ରଥମ କଥା ହେଲା-କୌଣସି ବିପଦ ଆପଦ ପଡିଲେ ଘାବରେଇ ଯିବୁ ନାହିଁ । ମନରେ ସାହସ ବାନ୍ଧିବୁ । ଦ୍ୱିତୀୟରେ—ଯେଉଁ କାମ କରିବୁ ବୁଦ୍ଧି ଖଟେଇ କାମ କରିବୁ । ତୃତୀୟରେ-ସତ୍ ସଙ୍ଗରେ ଚଳିବୁ ।

ପୁଅଟି ମାର ଆଶୀର୍ବାଦ ନେଇ ଘର ଛାଡି ବିଦେଶ ଯାତ୍ରା କଲା । କିଛିଦୂର ଯିବାପରେ ଗୋଟିଏ ଜଙ୍ଗଲ ପଡିଲା । ଜଙ୍ଗଲ ଭିତରେ ଏକାକୀ ଚାଲିଥାଏ । ହଠାତ୍ ଏକ ବାଘ ଦାବୁଡରେ ପଡିଲା । ମା' ତ କହିଛି ବିପଦ ଆପଦ ବେଳେ ମନରେ ସାହସ ବାନ୍ଧିବା ପାଇଁ । ବାଘକୁ ଦେଖି ପିଲାଟି ଭୟ ନ କରି ଚାରିଆଡକୁ ଚାହିଁଲା । ଦେଖିଲା ଅଳ୍ପ ଦୂରରେ ଗୋଟିଏ ବଡ ଖାଲ ଅଛି । ତା ମୁଣ୍ଡରେ ଏକ ବୁଦ୍ଧି ଢୁକିଲା । ସେ ଯାଇ ଖାଲର ଏକ ମୁଣ୍ଡରେ ଠିଆ ହେଲା । ବାଘ ପିଲାଟାକୁ ଝାମ୍ପି ନେବା ପାଇଁ ତା ଉପରକୁ ଯେତେବେଳେ ଡେଇଁଲା ପିଲାଟି ତଳେ ଶୋଇ ପଡିଲା । ବାଘ ଯାଇ ଖାଲ ଭିତରେ ପଡିଲା । ସେ ଖାଲଟି ଭାରି ଗହିରିଆ ଥିଲା । ବାଘ ଆଉ ତା

ଭିତରୁ ବାହାରି ପାରିଲା ନାହିଁ । ପିଲାଟି ଉଠି ବଡ ବଡ ପଥର ଗୋଟାଇ ଆଣିଲା । ତାକୁ ବାଘ ଉପରକୁ ଫିଙ୍ଗି ମାରିଦେଲା ।

ବାଘ ମଲା । ପିଲାଟି ତା ବାଟରେ ଚାଲିଲା । ଯାଉ ଯାଉ ବାଟରେ ଗୋଟିଏ କଣା ଲୋକକୁ ଭେଟିଲା । ପିଲାଟି କଣା ଲୋକର ବାଙ୍ଗ ଧରିଲା । କଣା ଭାବି ଚାଲାକ । ସେ ଦେଖିଲା, କଣା ହେତୁ ତାକୁ ତ କିଛି କାମ-ଦାମ ମିଳୁ ନାହିଁ । ଏହି ପିଲାଟିକୁ ନେଇ ରଜାଙ୍କ ପାଖରେ କୌଣସି କାମରେ ରଖିଦେଲେ ତାଠାରୁ ଫାଇଦା ଉଠାଇ ନିଜେ ଚଳିଯିବ । ଏହାଭାବି ପିଲାଟିକୁ କହିଲା, ମୁଁ ତୋତେ ରଜ ଦରବାରରେ ଗୋଟିଏ ବଡ କାମରେ ରଖାଇ ଦେବି । ତୁ ମୋ ସାଙ୍ଗରେ ଆସ ; କିନ୍ତୁ ଗୋଟିଏ କଥା-ତୁ ରଜାଙ୍କ ପାଖେ କିଛି କହିବୁ ନାହିଁ । ତୁନି ହୋଇ ଠିଆ ହେବୁ । ଯାହା କହିବା କଥା ମୁଁ କହିବି । ଏହିପରି ଶିଖାଇ ପିଲାଟିକୁ ନେଇ ରାଜଦରବାରରେ ପହଞ୍ଚିଲା ।

ରଜାଙ୍କୁ ହାତଯୋଡି କଣା କହିଲା, ମହାରାଜ ! ଏ ବାଳକଟି ଗୋଟାଏ ବଡ ବୀର । ବିନା ହାତହତିଆରରେ ବଡ ବଡ ବାଘକୁ ମାରି ଦେଇ ପାରିବ । ଏହାକୁ ଆପଣଙ୍କ ସୈନ୍ୟ ବିଭାଗରେ ରଖନ୍ତୁ । ଦେଖିବେ ସେ କିପରି କାମ କରିବ ।

ରଜା କଣାକୁ ପଚାରିଲେ, ଆଚ୍ଛା, ତୁମର ଏହି ସାଙ୍ଗ ତ କାହିଁକି କିଛି କହୁ ନାହାନ୍ତି ? ତୁନି ହୋଇ ଠିଆ ହୋଇଛନ୍ତି । ସେ କ'ଣ ମୂକ କି ?

କଣା କହିଲା, ନା ମହାରାଜ ସେ ଏଇଲେ ଦୁଇ ମାସ ପର୍ଯ୍ୟନ୍ତ କିଛି କହିବେ ନାହିଁ । ଦୁଇ ମାସ ଯାଏ ସେ ମୌନବ୍ରତ ପାଳିଛନ୍ତି । ଦୁଇ ମାସ ଉତ୍ତାରୁ କଥାବାର୍ତ୍ତା କରିବେ । ସବୁ କାମଦାମ କରିବେ କିନ୍ତୁ ଦି'ଟା ମାସ କଥା କହିବେ ନାହିଁ ।

କଣାର କଥା ଅନୁସାରେ ରଜା ପିଲାଟିକୁ ରଖିଲେ । କଣା ଦେଖିଲା ତା ଉପାୟଟା କାମ ଦେଇଛି । ଏଥର ରଜା ପିଲାକୁ ଯାହା ଦରମା ଦେବେ ସେ ସବୁ ମୋ ପାଖକୁ ଆସିବ । ମୁଁ ବସି ଆନନ୍ଦରେ ଖର୍ଚ୍ଚ କରିବି ।

କିଛିଦିନ ବାଦେ ଗୋଟାଏ ମହାବଳ ବାଘ ରାଜ୍ୟରେ ମାଡିଲା ଅନେକ ଲୋକ ମାରିଲା । ଗାଈ, ଗୋରୁ, ଛେଳି, ମେଣ୍ଢା ସବୁ ଖାଇ-ଗଲା । ବାଘ ଡରରେ ଲୋକମାନେ ଏକୁଟିଆ ଯିବା ଆସିବାକୁ ଡରିଲେ । ଲୋକମାନେ ରଜାଙ୍କୁ ଯାଇ ଜଣାଇଲେ ଶୀଘ୍ର ଏ ବାଘକୁ ନ ମାରିଲେ ଲୋକମାନେ ପଦାକୁ ବାହାରି ପାରିବେ ନାହିଁ । କାମଦାମ କିଛି କରି ନ ପାରି ଭୋକ ଉପାସରେ କଷ୍ଟ ପାଇବେ ।

ରଜା ତତ୍‌କ୍ଷଣାତ୍ ବାଘଟିକୁ ମାରିବା ଲାଗି ସେନାପତିଙ୍କୁ ଆଦେଶ ଦେଲେ । ସେନାପତି କହିଲେ, ମହାରାଜ, ଯେଉଁ

ବୀର ବାଳକଟିକୁ ନୂତନ ରଖାଯାଇଅଛି ତାକୁ ପରୀକ୍ଷା କରିବା ଲାଗି ଏହି ବାଘଟିକୁ ମାରିବାକୁ ପଠାନ୍ତୁ । ଦେଖିବା ସେ କ'ଣ କରୁଛି । ରାଜା ପିଲାଟିକୁ ଡାକି କହିଲେ, ତୁମ ସଙ୍ଗ କଣା ଲୋକଟି ତ କହୁଥିଲା, ତୁମେ ବିନା ହାତହତିଆରରେ ବାଘ ମାରିପାର । ଆମ ରାଜ୍ୟରେ ଏ ଯେଉଁ ମହାବଳ ବାଘ ମାତିଛି ତାକୁ ଯଦି ମାରିଦେଇ ପାରିବ ତେବେ ତୁମକୁ ମୁଁ ମନ୍ତ୍ରୀ କରିଦେବି ।

ରାଜାଙ୍କ କଥାଶୁଣି ପିଲାଟି ବଡ ଭାବନାରେ ପଡ଼ିଲା । କି ଉପାୟରେ ବାଘଟିକୁ ମାରିବ ଚିନ୍ତାକଲା । ହଠାତ୍ ତାକୁ ଏକ ବୁଦ୍ଧି ଦିଶିଲା । ସେ କିଛି ଗୁଡ ମଗାଇଲା । ସେହି ଗୁଡରେ ସିରା ତିଆରି କରି ଗୋଟିଏ ବଡ କୁଣ୍ଡରେ ଭର୍ତ୍ତିକଲା । କୁଣ୍ଡ ଉପରେ ଦୁଇଖଣ୍ଡ ପତଳା ଓ ହାଲୁକା କାଠ ରଖି କିଛି ଘାସ ଓ ତୁଳା ବିଛାଇ ଦେଲା । ଗୋଟିଏ ମେଣ୍ଢା ଆଣି ସେହି କୁଣ୍ଡ ଉପରେ ଠିଆ କରି ବାନ୍ଧି ଦେଲା । ମେଣ୍ଢା ଦେହରେ କିଛି ଗୁଡ ସିରା ବୋଳି ବହୁତ ଗୁଡାଏ ତୁଳା ଲଗାଇ ଦେଲା । ମେଣ୍ଢାଟି ଖୁବ୍ ମୋଟା ଦେଖାଗଲା । କିଛି କଣ୍ଟା ମଧ୍ୟ ମେଣ୍ଢା ଦେହର ତୁଳାରେ ଲଗାଇ ମେଣ୍ଢାଟିକୁ ନେଇ ଗୋଟିଏ ଗଛମୂଳେ ରଖିଲା ଏବଂ ନିଜେ ସେହି ଗଛ ଉପରକୁ ଯାଇ ଲୁଚି ବସିଲା । ସେ ମଧ୍ୟ ସାଙ୍ଗରେ ଗୋଟିଏ ଗଣ୍ଠିଲିରେ କିଛି ତୁଳା ନେଇଥିଲା ।

ରାତି ହେଲା । ମେଣ୍ଢାର ବୋବାଳି ଶୁଣି ବାଘ ମେଣ୍ଢାକୁ ଖାଇବାକୁ ଆସିଲା । ବାଘ ମେଣ୍ଢାକୁ ଦେଖିପାରି ତା ଉପରକୁ ଡେଇଁଲା । ମେଣ୍ଢା ଦେହରେ ତ ତୁଳା ଓ କଣ୍ଟା ଲାଗିଥିଲା, ବାଘ ମୁହଁରେ ତୁଳା ଓ କଣ୍ଟା ଲାଗିଯିବାରୁ ସେ ମେଣ୍ଢାକୁ ଖାଇବ କ'ଣ କଲବଲ ହୋଇ ସିରା ହାଣ୍ଡିରେ ଯାଇ ପଡ଼ିଲା । ସିରା ହାଣ୍ଡିରେ ଲଟପଟ ହେଲା । ଏହି ସମୟରେ ପିଲାଟି ତା ଗଣ୍ଠିଲିରୁ ତୁଳା ବାହାର କରି ସେଥିରେ ନିଆଁ ଲଗାଇ ବାଘ ଉପରକୁ ପକାଇଲା । ତୁଳା ନିଆଁ ବାଘ ଦେହରେ ଲାଗି ବାଘ ପୋଡ଼ି ହୋଇ ମଲା ।

ପିଲାଟି ଗଛ ଉପରୁ ଓହ୍ଲାଇ ଦେଖିଲା ବାଘଟି ମରିଯାଇଛି । ଭାରି ଖୁସି ହେଲା । ବାଘ ମରିଛି ବୋଲି ରାଜାଙ୍କୁ ଦେଖାଇବା ଲାଗି ବାଘର ନିଶ, କାନ ଓ ଲାଞ୍ଜ କାଟି କରି ଆଣିଲା ।

ଭୋରୁ ଭୋରୁ କଣା ଉଠି, ପିଲାଟି କ'ଣ କଲା ବୋଲି ଦେଖିବା ଲାଗି ବଣକୁ ଦୌଡ଼ିଲା । ଗଛ ପାଖରେ ପହଞ୍ଚି ଦେଖିଲା ବାଘଟି ମରି ପଡ଼ିଛି । ପିଲାଟି ସେଠାରେ ନାହିଁ । କଣାର ମନ୍ତ୍ରୀ ହେବାର ଇଚ୍ଛା ପ୍ରବଳ ହେଲା । ସେ ବାଘର ମୁଣ୍ଡଟି କାଟି ରାଜାଙ୍କ ପାଖକୁ ଦୌଡ଼ିଲା । କଣା ବାଟରେ ପିଲାଟିକୁ ଭେଟିଲା । ଭାବିଲା ପିଲାଟି ଯାଇ ରାଜାଙ୍କୁ ବାଘର ନିଶ, କାନ ଓ ଲାଞ୍ଜ ଦେଖାଇବ । ରାଜା ତ ତାକୁ ମନ୍ତ୍ରୀ କରି-ଦେବେ । ମୁଁ କଣ କରିବି ? ଏହା ଭାବି ପିଲାଟାକୁ ମାରି ଦେବା ଉଦ୍ଦେଶ୍ୟରେ ତାକୁ ଟେକି ନେଇ ଗୋଟାଏ କୂଅରେ ପକାଇଦେଲା ଏବଂ ଦୌଡ଼ି ଦୌଡ଼ି ଯାଇ ରାଜାଙ୍କ ପାଖରେ ପହଞ୍ଚିଲା । ବାଘର ମୁଣ୍ଡଟା ରାଜାଙ୍କୁ ଦେଇ କହିଲା, ମହାରାଜ ! କାଲି ରାତିରେ ପିଲାଟି ସଙ୍ଗେ

ମୁଁ ବାଘ ମାରିବାକୁ ଯାଇଥିଲି । ବାଘ ପିଲାଟିକୁ ଖାଇ ଦେଲା । ମୁଁ କଣ ଛାଡ଼ିବି । ବାଘ ପିଛା ଧରିଲି । କିଛିଦୂର ଯିବାପରେ ବାଘକୁ ଦେଖିଲି । ବଡ଼ ବଡ଼ ପଥର ପକାଇ ବାଘକୁ ମାରିଦେଲି ! ଆପଣଙ୍କ ବିଶ୍ୱାସ ହେବାପାଇଁ ବାଘ ମୁଣ୍ଡଟା କାଟି ଆଣିଛି ।

ରାଜା ନିଜେ ବାଘ ମାରିଥିବା ଜାଗାକୁ ଦୌଡ଼ିଲେ । ଦେଖିଲେ ବାଘଟା ମରି ପଡ଼ିଛି । ତା ପାଖରେ ସିଉଦାଣ୍ଡି ଓ ଡୁଳା ସବୁ ପଡ଼ିଛି । ରାଜା କଣାକୁ ପଚାରିଲେ ଏ ସିଉଦାଣ୍ଡି ଓ ଡୁଳା ସବୁ କାହିଁକି ଏଠାରେ ପଡ଼ିଛି । କଣା କ'ଣ ଜାଣିଛି ଯେ କହିବ । ତେଣୁ ରାଜାଙ୍କର କଣା କଥାରେ ସନ୍ଦେହ ହେଲା, ତେବେ ସେ ପିଲାଟି କାହିଁ । କଣା କହିବାନୁସାରେ ବାଘ ଯଦି ପିଲାଟିକୁ ମାରି ଦେଇଥାନ୍ତା ତେବେ ବାଘ ଏଠାରେ ମରି ପଡ଼ିନଥାନ୍ତା । ତେବେ ପ୍ରକୃତ ଘଟଣା ରାଜା ଜାଣି ପାରିଲେ ନାହିଁ । କଣାକୁ ମନ୍ତ୍ରୀ ଗାଦୀ ହଠାତ୍ ନ ଦେଇ ଘଟଣାଟା ଜାଣିବା ପର୍ଯ୍ୟନ୍ତ ଅପେକ୍ଷା କଲେ ।

ଏଣେ କୂଅ ଭିତରେ ପିଲାଟି ତ ପଡ଼ିଥିଲା । ଜଣେ ଚାଷୀ ପାଣି କାଢ଼ିବା ଲାଗି କୂଅ ଭିତରକୁ ବାଲ୍ଟିରେ ଦଉଡ଼ି ବାନ୍ଧି ପକାଇଲା । ପିଲା ସେହି ଦଉଡ଼ିକୁ ଧରି କୂଅ ଭିତରୁ ଉପରକୁ ଆସିଲା ଏବଂ ସିଧା ରାଜାଙ୍କ ପାଖରେ ବାଘର କାନ, ନିଶ ଓ ଲାଞ୍ଜତକ ଥୋଇଦେଇ କହିଲା ମହାରାଜ ! କାଲି ରାତିରେ ବାଘଟିକୁ ମୁଁ ମାରିଅଛି । ରାଜା କହିଲେ – କଣା କହୁଛି, ଯେ ବାଘଟିକୁ ମାରିଅଛି । ଆଉ ତୋତେ ବାଘ ମାରିଦେଇଛି । ପିଲାଟି କହିଲା ନାହିଁ ଆଜ୍ଞା ! କଣା ସକାଳୁ ଯାଇ ମୋତେ ଗୋଟିଏ କୂଅକୁ ପେଲିଦେଲା । ବାଘର ମୁଣ୍ଡଟାକୁ କାଟି ଆଣି ମନ୍ତ୍ରୀ ହେବାପାଇଁ ଆପଣଙ୍କୁ ମୁଣ୍ଡଟି ଦେଖାଇଲା । ଆଜ୍ଞା ମହାରାଜ ! ସେ ବାଘ ମୁଣ୍ଡରେ କାନ ଅଛି କି ? ଦେଖନ୍ତୁ ତ ।

ରାଜା କଣାର ଚାଲାକି ଜାଣି ପାରିଲେ । ସଙ୍ଗେ ସଙ୍ଗେ କଣାକୁ ନେଇ ଜେଲଖାନାରେ ରଖିଦେଲେ । ପିଲାଟିକୁ ମନ୍ତ୍ରୀ କରିଦେଲେ ।

ମା'ର କଥା ପିଲାଟିର ମନେ ପଡ଼ିଲା । ସତସଙ୍ଗ ନ କରି ସେ କୁସଙ୍ଗରେ ପଡ଼ିବାରୁ ତାକୁ ଏତେ ଦୁଃଖ ଭୋଗ କରିବାକୁ ପଡ଼ିଲା ।

●

Digitalization by :-
Deb's Library Corner...
Telegram link :-https://t.me/debslibrarycorner

ଯେ ପ୍ରାଣୀ ପାଥେଁ ପର ମନ୍ଦ ତା ମନ୍ଦ ପାଥିନ୍ତି ଗୋବିନ୍ଦ

ଗୋଟିଏ ଗାଁରେ ଗୋଟିଏ ଗରିବ ଲୋକ ବାସ କରୁଥିଲା । ତାର ଗୋଟିଏ ବୋଲି ପୁଅ । ପୁଅଟି ଦେଖିବାକୁ ଭାରି ସୁନ୍ଦର । ଦିନେ ଜଣେ ଜ୍ୟୋତିଷ ଗରିବ ଲୋକଟିର ଘରକୁ ଆସିଥିଲେ । ପିଲାଟିର କୋଷ୍ଠୀ ଗଣନା କରି କହିଲେ, ଏ ପିଲାଟି ବଡ ଭାଗ୍ୟବାନ ହେବ । ଏହାକୁ ୧୪ ବର୍ଷ ହେଲେ, ଏହି ରାଜ୍ୟର ରାଜାଙ୍କ ଝିଅକୁ ବିବାହ କରି ରାଜା ହେବ ।

ଏ ଖବର ରାଜାଙ୍କ ପାଖେ ପହଞ୍ଚିଲା । ରାଜା ଦେଖିଲେ, ଗୋଟାଏ ଗରିବ ଚଷା ପିଲାଟିକୁ ମୋ ଝିଅ ବିବାହ କରିବ, ଏହା ବଡ ଅପମାନର କଥା । ଜ୍ୟୋତିଷ ଯେତେବେଳେ କୋଷ୍ଠୀ ଗଣନା କରି ଏ କଥା କହିଛି ନିଶ୍ଚୟ ଘଟିପାରେ । ତେଣୁ ପିଲାଟିକୁ ୧୪ ବର୍ଷ ଯାଏ ଜୀବିତ ନ ରଖିଲେ ଆଉ ବିବାହ ହୋଇ ପାରିବ ନାହିଁ । ଏହା ବିଚାରି ପିଲାଟିର ବାପକୁ ଡକାଇ ପଠାଇଲେ । ତାକୁ ବହୁତ ଧନରତ୍ନ ଦେଇ ତା ପାଖରୁ ପିଲାଟିକୁ ନେଇ ଆସିଲେ । ଗୋଟିଏ ବାକ୍ସ ତିଆରି କଲେ । ରାଜା ପିଲାଟିକୁ ସେ ବାକ୍ସ ଭିତରେ ପୁରାଇ ନଦୀରେ ଭସାଇଦେଲେ । ପିଲାଟି ନଦୀରେ ବୁଡି ମରିଯିବ ଆଉ ରାଜକୁମାରୀକୁ ବିବାହ କରି ପାରିବ ନାହିଁ ବୋଲି ରାଜା ନିଶ୍ଚିନ୍ତ ହେଲେ ।

ସେହି ବାକ୍ସଟି ନଦୀ ସ୍ରୋତରେ ଭାସି ଭାସି ଯାଇ ଗୋଟିଏ ଜାଗାରେ ଲାଗିଲା । ସେହି ପାଖରେ ଗୋଟିଏ ଋଷୀର ଘର ଥିଲା । ଋଷୀଟି ବାକ୍ସଟିକୁ ଦେଖି ପାରି ଘରକୁ ନେଇଗଲା । ବାକ୍ସ ଭିତରେ କ'ଣ ଅଛି ବୋଲି ଋଷୀ ଓ ତାର ସ୍ତ୍ରୀ ଖୋଲିଲେ । ଗୋଟିଏ ସୁନ୍ଦର ପିଲାଟିଏ ବାକ୍ସ ଭିତରେ ଜିଅନ୍ତା ଅବସ୍ଥାରେ ଥିବା ଦେଖି ପିଲାଟିକୁ ବାହାର କଲେ । ଋଷୀର ତ କୌଣସି ପିଲାଝିଲା ନ ଥିଲେ, ଏହି ପିଲାଟିକୁ ସେମାନେ ପାଳିଲେ ।

ପିଲାଟି ବଢି ବଢି ଚଉଦ ବର୍ଷର ହେଲା । ତାହାର ଚେହେରା ଏକ ରାଜକୁମାର ପରି ଦେଖାଯାଉଥିଲା । ଦିନେ ରାଜା ସେହି ବାଟ

ଦେଇ ଯାଉଥିଲେ । ଏ ପିଲାଟିକୁ ଦେଖି ରଜା ଚିହ୍ନି ପାରିଲେ । ଯେଉଁ ପିଲାଟିକୁ ସେ ବାକସ ଭିତରେ ପୁରାଇ ନଈରେ ଭସାଇ ଦେଇଥିଲେ ଏ ଯେ ସେହି ପିଲା । ପିଲାଟି ମରି ନାହିଁ ବୋଲି ରଜା ବଡ ଚିନ୍ତିତ ହେଲେ । ପିଲାଟିକୁ ମାରିବା ଲାଗି ଆଉ ଏକ ଉପାୟ କଲେ । ଋଷୀକୁ ଡାକି ରଜା କହିଲେ, ମୋର ଏକ ଜରୁରୀ ଚିଠି ରାଣୀଙ୍କ ପାଖକୁ ଉଆସକୁ ପଠାଇବା ଦରକାର ପଡୁଛି । ତୁମ ପୁଅକୁ ଟିକିଏ ପଠାଅ । ସେ ଏହି ଚିଠିଟି ନେଇ ରାଣୀଙ୍କୁ ଦେଇ ଆସିବ ।

ରଜାଙ୍କ ଆଦେଶକୁ କ'ଣ ଋଷୀ କେବେ ଅବଜ୍ଞା କରିବ ? ସେ ପୁଅକୁ ଡାକିଲା । ରଜା ଖଣ୍ଡିଏ ଚିଠି ଲେଖି ପିଲାଟିକୁ ଦେଲେ । ପିଲାଟି ଚିଠିଖଣ୍ଡି ଧରି ରଜାଙ୍କ ଉଆସ ଆଡେ ଚାଲିଲା ।

ଯାଉ ଯାଉ ଏକ ବଣ ପଡିଲା । ପିଲାଟି ବଣରେ ବାଟ ଭୁଲିଯାଇ ଗୋଟିଏ କୁଡିଆ ଘର ପାଖରେ ପହଞ୍ଚିଲା । ସେ କୁଡିଆରେ ଗୋଟିଏ ବୁଢୀକୁ ଦେଖିଲା । ବୁଢୀଟି ଭାରି ଭଲ ମଣିଷ । ପିଲାଟିକୁ ଘରକୁ ଡାକି ନେଲା । ତାକୁ ଖାଇବାକୁ ଦେଲା । ପିଲାଟି ବହୁତ ବାଟ ଚାଲି ଚାଲି ହାଲିଆ ହୋଇ ପଡିଥିଲା । ଖାଇଦେଇ ଶୋଇ ପଡିଲା । ରାଣୀଙ୍କ ଚିଠିଟି ଗୋଟିଏ ଟେବୁଲ ଉପରେ ଥୋଇ ଦେଇଥିଲା ।

ସେ କୁଡିଆ ଘର ଗୋଟାଏ ଡକାୟତ ଦଳଙ୍କର ଆଡ୍ଡା ଥିଲା । ରାତି ଅଧବେଳକୁ ଡକାୟତମାନେ କୁଡିଆକୁ ଫେରି ଗୋଟିଏ ପିଲା ଶୋଇଥିବାର ଦେଖିଲେ । ବୁଢୀଠାରୁ ପିଲାଟିର ଘଟଣା ସବୁ ଶୁଣିଲେ । ହଠାତ୍ ଟେବୁଲ ଉପରେ ଥୁଆ ହୋଇଥିବା ଚିଠି ଖଣ୍ଡି ଉପରେ ଡକାଇତମାନଙ୍କର ନଜର ପଡିଲା । ଚିଠିଟି ଖୋଲି ସେମାନେ ପଢିଲେ । ପିଲାଟିକୁ ମାରି ଦେବା ଲାଗି ରଜା ରାଣୀଙ୍କ ପାଖକୁ ସେ ଚିଠିରେ ଲେଖିଥିଲେ । ଡକାୟତମାନେ ପିଲାଟିକୁ ମୃତ୍ୟୁ ମୁଖରୁ ରକ୍ଷା କରିବାଲାଗି ଆଉ ଖଣ୍ଡିଏ କାଗଜରେ ଲେଖିଲେ । ରାଣୀ, ‘ଏହି ପତ୍ରଟି ପାଠ କରିବ । ଯେଉଁ ପିଲାଟି ଏହି ଚିଠି ଖଣ୍ଡି ନେଇ ତୁମ୍ଭ ପାଖକୁ ଗଲା ତାକୁ ରାଜକୁମାରୀ ସହିତ ବିବାହ କରିଦେବ । ରଜାଙ୍କ ଚିଠିଟି ଚିରି ଫିଙ୍ଗିଦେଲେ । ଏହି ଚିଠିଟି ଟେବୁଲ ଉପରେ ଥୋଇ ଦେଲେ ।

ପିଲାଟି ସକାଳୁ ଉଠିଲା । ବୁଢୀଠାରୁ ବିଦାୟ ନେଇ ଚିଠିଟି ଧରି ରାଣୀଙ୍କ ଉଆସରେ ଯାଇ ପହଞ୍ଚିଲା । ରାଣୀ ଚିଠିଟି ପଢି ଭାରୀ ଖୁସି ହେଲେ । ରାଜକୁମାରୀ ସହିତ ବାଳକଟିର ବିବାହ କରାଇ-ଦେଲେ । ଯାହା ଦୈବର ବିଧାନ ତାକୁ ଅନ୍ୟଥା ବା କରିବ କିଏ ? ଜ୍ୟୋତିଷ କହିଥିବା କଥା ସତ ହେଲା ।

କିଛି ଦିନ ପରେ ରଜା ଉଆସକୁ ଫେରିଲେ । ଦେଖିଲେ ପିଲାଟି ତ ମରି ନାହିଁ । ରାଜକୁମାରୀକୁ ବାହା ହୋଇ ଉଆସରେ ଅଛି । ତାଙ୍କର ରାଗର ସୀମା ଆଉ ରହିଲା ନାହିଁ । ତାଙ୍କର ତ ମନ ଲାଗିଛି କିପରି ପିଲାଟିକୁ ମାରିଦେବେ । ରଜାଙ୍କ ମନକଥା ମନରେ ଥାଏ । ପିଲାଟିକୁ ମାରିବା ଲାଗି କେବଳ ମନେ ମନେ ବାଟ ଖୋଜୁଥାଆନ୍ତି ।

ଦିନେ ରାଜା ବାଳକଟିକୁ ଡାକି କହିଲେ, "ଆମ ରାଜ୍ୟର ଏକ ପର୍ବତ ଗୁମ୍ଫାରେ ଗୋଟାଏ ଅସୁର ଅଛି। ତାର ମୁଣ୍ଡର ବାଳଗୁଡିକ ସୁନାରେ ତିଆରି। ତୁମ୍ଭେ ଯାଇ ସେହି ଅସୁର ମୁଣ୍ଡରୁ ୩ଟି ବାଳ ମୋ ପାଇଁ ଆଣ। ତୁମ୍ଭେ ଅତ୍ୟନ୍ତ ସାହସୀ। ଏହି କାର୍ଯ୍ୟ ତୁମ ବ୍ୟତୀତ ଆଉ କେହି କରି ପାରିଲା ପରି ମୋତେ ଦିଶୁ ନାହାନ୍ତି। ବାଳକଟି ଛନ୍ଦ କପଟ ଜାଣେ ନାହିଁ। ରାଜା ତା ପାଇଁ ଯେତେ ଅନିଷ୍ଟ ଚିନ୍ତା କଲେ ମଧ୍ୟ ତା'ର ଅନିଷ୍ଟ ହେଉ ନାହିଁ। ବରଂ ଭଲ ହେଉଛି।

ବାଳକଟି ରାଜାଙ୍କ ଆଦେଶ ପାଳନକରି ବାଳ ଆଣିବାକୁ ଗଲା। ଯାଉ ଯାଉ ବାଟରେ ଗୋଟିଏ ନଗର ପଡିଲା। ସେହି ନଗରର ଜଗୁଆଳୀ ପିଲାଟିକୁ ନଗର ଭିତରକୁ ଛାଡିଦେଲା ନାହିଁ ଏବଂ କହିଲା, "ମୋ ପ୍ରଶ୍ନର ଠିକ୍ ଉତ୍ତର ଯଦି ଦେଇ ପାରିବୁ ତେବେ ଯାଇ ତୋତେ ନଗର ଭିତରକୁ ଛାଡିବି। ବାଳକ ପ୍ରଶ୍ନଟି ଜାଣିବାକୁ ଚାହିଁଲା। ଜଗୁଆଳୀ କହିଲା, ଏହି ନଗରରେ ଗୋଟିଏ ଝରଣା ପ୍ରବାହିତ ହେଉଥିଲା। ଲୋକମାନେ ସେହି ଝରଣାର ଜଳ ବ୍ୟବହାର କରୁଥିଲେ। ଏଇ କେତେଦିନ ହେଲା ସେ ଝରଣାର ପାଣି ଆଉ ବାହାରୁ ନାହିଁ। ଏହାର କାରଣ କ'ଣ ?" ପିଲାଟି କହିଲା, "ଏଇ କଥା ତ, ମୁଁ ଗୋଟାଏ ବଡ଼ କାମରେ ଯାଉଛି। ଫେରିଲେ ମୁଁ ଏହାର କାରଣ କହିଦେବି।

ଏହା କହି ବାଳକଟି ସେହି ନଗର ଅତିକ୍ରମ କରି ଅନ୍ୟ ଏକ ନଗରରେ ପହଞ୍ଚିଲା। ସେହି ନଗରର ଜଗୁଆଳୀ ବାଳକଟିକୁ ଅଟକାଇ ପଚାରିଲା, "ଏହି ନଗରରେ ଗୋଟିଏ ସୁନାର ଆତ ଗଛ ଅଛି। ପୂର୍ବେ ସେଥିରେ ସୁନାର ଆତ ଫଳୁଥିଲା। କିନ୍ତୁ ଏଇ କେତେ ବର୍ଷ ହେଲା ଆଉ ଆତ ଫଳୁ ନାହିଁ କାହିଁକି ? ବାଳକଟି କହିଲା, "ଏଇ କଥ ତ—ଆଜ୍ଞା ମୁଁ ଫେରିଲାବେଳେ ଏହାର କାରଣ କହିଦେବି।"

ଏହା କହି ବାଳକଟି ଚାଲିଲା। କିଛିଦୂର ଯିବାପରେ ଗୋଟିଏ ହ୍ରଦ ପଡିଲା। ହ୍ରଦଟି ପାର ହେଲେ ଯାଇ ପର୍ବତକୁ ଯିବ। ହ୍ରଦ ପାର ହେବାଲାଗି ନାଉରୀକୁ କହିଲା, ନାଉରୀ କହିଲା, 'ମୁଁ ତୋତେ ପାରି କରିଦେବି କିନ୍ତୁ ମୋ ପ୍ରଶ୍ନର ଉତ୍ତର ଆଗ ଦେବାକୁ ହେବ। ପ୍ରଶ୍ନଟି କ'ଣ ବୋଲି ବାଳକଟି ପଚାରିଲା। ନାଉରୀ କହିଲା, ମୁଁ ବହୁବର୍ଷ ହେଲା ଏହି ହ୍ରଦରେ ଡଙ୍ଗାରୁ ବାହାରି ପାରୁ ନାହିଁ କାହିଁକି ? ବାଳକଟି କହିଲା, "'ଆଜ୍ଞ'--ଏଇ କଥା ତ--ମୁଁ ଯେଉଁ କାମରେ ଯାଉଛି ସେହି କାମ ଶେଷ କରି ଆସିଲାବେଳେ ଏହାର କାରଣ କହିଦେବି।" ତୁ କିପରି ଏଥିରୁ ମୁକ୍ତି ପାଇବୁ ତାର ବାଟ ବତାଇ ଦେବି।

ନାଉରୀ ବାଳକଟିକୁ ହ୍ରଦ ପାର କରିଦେଲା। ବାଳକଟି ଖୋଜି ଖୋଜି ଯାଇ ପର୍ବତ ଗୁମ୍ଫା ପାଖରେ ପହଞ୍ଚିଲା। ସେହି ଗୁମ୍ଫା ମୁହଁରେ ଗୋଟିଏ ବୁଢୀ ବସିଥିଲା। ବୁଢୀଟି ଭାରି ଭଲ ମଣିଷ। ସେ ବୁଢୀଟି ଅସୁରର ଜେଜେମା। ବାଳକଟିକୁ ଦେଖି ବୁଢୀ କହିଲା, ଆରେ ପୁଅ, ତୁ କାହିଁକି ଏଠାକୁ ଆସିଲୁ ? ଅସୁର ଆସିଲେ କ'ଣ ତୋତେ ଆଉ ଜୀବନରେ ରଖିବ। ତୁ ଏଠାରୁ ଶୀଘ୍ର ପଳା।

ବାଳକଟି ବୁଢୀକୁ କହିଲା, ଜେଜେମା, ମୁଁ ଅସୁର ମୁଣ୍ଡରୁ ତିନୋଟି ସୁନାର ବାଳ ନେବାକୁ ଆସିଛି । ମୁଁ ଯଦି ବାଳ ନ ନେଇ ଫେରିଯିବି ରଜା ମୋତେ ନିଶ୍ଚୟ ମାରିଦେବେ । ରଜାଙ୍କ ହାତରେ କାହିଁକି ମରିବି ? ବରଂ ଅସୁର ମୋତେ ଖାଉ ।

ବାଳକଟିର ବିକଳ କଥାଶୁଣି ବୁଢୀ ମନରେ ଦୟା ହେଲା । ବାଳକଟିକୁ ଗୁମ୍ଫା ଭିତରେ ଲୁଚାଇ ରଖିଲା । କିଛି ସମୟ ପରେ ଅସୁର ଆସି ପହଞ୍ଚିଲା । ଖାଇପିଇ ବୁଢୀ କୋଳରେ ମୁଣ୍ଡ ଦେଇ ଶୋଇ ପଡିଲା । ଅସୁର ନିଘୋଡ ନିଦରେ ଶୋଇବା ଦେଖି ବୁଢୀ ଅସୁର ମୁଣ୍ଡରୁ ଗୋଟିଏ ବାଳ ଓପାଡିଲା । ବାଳଟି ଉପୁଡିଲା ବେଳେ ଅସୁରର ନିଦ ଚାଉଁକିନା ଭାଙ୍ଗିଗଲା । କ'ଣ ହେଲାବୋଲି ବୁଢୀକୁ ପଚାରିଲା । ବୁଢୀ କହିଲା, ନାଇମ କିଛି ନାହିଁ । ମୁଁ ଗୋଟାଏ ସପନ ଦେଖିଲି । ଏହିପରି ବୁଢୀ କୌଶଳରେ ଅସୁର ମୁଣ୍ଡରୁ ୩ଟି ବାଳ ଉପୁଡାଇ ରଖିଲା । ଅସୁରର ନିଦ ଭାଙ୍ଗିଲା । ସେ ବାହାରକୁ ଯିବାଲାଗି ବାହାରିଲା । ସେତେବେଳେ ବୁଢୀ ତାକୁ ପଚାରିଲା--ପୁଅରେ, ଏହି ନଗରରେ ଗୋଟିଏ ଝରଣା ଅଛି । କିନ୍ତୁ ସେଥିରୁ ପାଣି ବାହାରୁ ନାହିଁ କାହିଁକି ? ଅସୁର କହିଲା--ଝରଣା ମୁହଁରେ ଗୋଟାଏ ବଡ ବେଙ୍ଗ ଅଛି । ବେଙ୍ଗଟି ବାହାର କରି ଦେଲେ ଝରଣାରୁ ପାଣି ବାହାରିବ । ବୁଢୀ ଏତକ ମନେରଖି ଆଉ ଗୋଟିଏ କଥା ପଚାରିଲା । ପୁଅରେ--ଆଉ ଗୋଟିଏ ନଗରରେ ସୁନା ଆତ ଗଛଟିଏ ଅଛି । ସେଥିରେ ଆତ ଫଳୁନାହିଁ କାହିଁକି ? ଅସୁର କହିଲା, "ସେହି ଗଛରେ ଗୋଟିଏ ମୂଷା ଅଛି । ସେ ମୂଷା ଗଛର ଚେର କାଟି ଦେଉଛି । ମୂଷାଟିକୁ ମାରିଦେଲେ ଗଛରେ ପୁଣି ଫଳ ଧରିବ । ତାପରେ ବୁଢୀ ଆଉ ଗୋଟିଏ କଥା ପଚାରିଲା । ଏହି ପାହାଡ ତଳେ ଥିବା ହ୍ରଦରେ ଗୋଟିଏ ନାଉରୀ ଡଙ୍ଗା ଚଳାଉଛି । ସେ ଡଙ୍ଗାରୁ ବାହାରି ପାରୁନାହିଁ କାହିଁକି ? ଅସୁର କହିଲା, "ନାଉରୀଟି ଯଦି ତା କାତ ଖଣ୍ଡିକ କାହାକୁ କୌଶଳରେ ଧରାଇ ଦେଇ ପାରିବ, ତେବେ ସେ ଡଙ୍ଗାରୁ ବାହାରି ପାରିବ ।" ଏତକ କହି ଦେଇ ଅସୁର ଗୁମ୍ଫା ଛାଡି ଚାଲିଗଲା ।

ବୁଢୀ ବାଳକଟିକୁ ଗୁମ୍ଫା ଭିତରୁ ବାହାର କଲା । ତାକୁ ୩ଟି ସୁନାରବାଳ ଏବଂ ତା ପ୍ରଶ୍ନର ଉତ୍ତରତକ କହି ବାଳକଟିକୁ ବିଦାୟ ଦେଲା । ବାଳକଟି ମନ ଖୁସିରେ ବୁଢୀକୁ ମୁଣ୍ଡିଆଟିଏ ମାରି ଆସିଲା ।

ପ୍ରଥମେ ନାଉରୀକୁ ଭେଟିଲା--ନାଉରୀକୁ କହିଲା ତୁ ଯଦି କୌଣସି ଲୋକକୁ କୌଶଳରେ ତୋ କାତଖଣ୍ଡି ଧରାଇ ଦେଇ ପାରିବୁ ତେବେ ମୁକ୍ତି ପାଇବୁ । ତାପରେ ଭେଟିଲା ଦ୍ୱିତୀୟ ଜଗୁଆଳୀକୁ । ତାକୁ କହିଲା, ସେ ଆତ ଗଛ ତଳେ ଗୋଟିଏ ମୂଷା ଅଛି । ତାକୁ ମାରିଦେଲେ ଆତ ଫଳିବ । ତାପରେ ଭେଟିଲା ପ୍ରଥମ ଜଗୁଆଳୀକୁ । ତାକୁ କହିଲା-- ଝରଣା ମୁହଁରେ ଗୋଟାଏ ବଡ ବେଙ୍ଗ ଅଛି । ସେହି ବେଙ୍ଗଟିକୁ ବାହାର କରିଦେଲେ ଝରଣାରୁ ପାଣି ବାହାରିବ । ପିଲାକଥା ସତ କି ମିଛ ଜଗୁଆଳୀ ଝରଣା ପାଖକୁ ଗଲା, ଝରଣା ମୁହଁରେ ଗୋଟାଏ ବଡ ବେଙ୍ଗ ପ୍ରକୃତରେ ଅଛି । ସହର ଲୋକମାନେ ଆସି ସେ

ବେଙ୍ଗଟିକୁ ବାହାର କରିଦେଲେ । ଝରଣାରୁ ଭସ ଭସ୍ ହୋଇ ପାଣି ବୋହି ଚାଲିଲା । ନଗରବାସୀ ଖୁବ୍ ଖୁସି ହୋଇ ପିଲାଟିକୁ ବହୁତ ସୁନା, ହୀରା, ନୀଳା ଦେଲେ । ପିଲାଟି ସେ ସବୁ ଧରି ରାଜାଙ୍କ ପାଖରେ ପହଞ୍ଚିଲା । ରାଜା ସିନା ଭାବିଥିଲେ ପିଲାଟିକୁ ଅସୁର ମାରି ଦେଇଥିବ । କିନ୍ତୁ ପିଲାକୁ ଦେଖି ରାଜା ଆଶ୍ଚର୍ଯ୍ୟ ହେଲେ ।

ବାଳକଟି ସୁନାର ତିନୋଟି ବାଳ ଏବଂ ହୀରା ନୀଳାତକ ରାଜାଙ୍କୁ ନେଇ ଦେଲା । ରାଜା ଏତେ ହୀରା, ନୀଳା ଦେଖି ଖୁବ୍ ଖୁସି ହୋଇଗଲେ । କେଉଁଠୁ ଏସବୁ ପାଇଲା ବୋଲି ରାଜା ପଚାରିଲେ । ବାଳକଟି କହିଲା, "ମହାରାଜା; ଗୋଟିଏ ହ୍ରଦ ଅଛି । ସେହି ହ୍ରଦର ଆର ପାରିରେ ଗୋଟାଏ ପର୍ବତ ଅଛି । ସେହି ପର୍ବତରେ ହୀରା, ନୀଳା ପର୍ବତ ଆକାରରେ ଜମା ହୋଇ ରହିଛି । ଯିଏ ଯେତେ ଆଣିପାରିବ ।

ରାଜାଙ୍କର ଲୋଭ ବଢ଼ିଲା । କିପରି ସେହି ପର୍ବତକୁ ଯିବେ ଏବଂ ଆହୁରି ବେଶି ହୀରା ନୀଳା ଆଣିବେ ଏଇ କଥା ଚିନ୍ତା କଲେ । ଦିନେ ସକାଳୁ ଉଠି ରାଜା ଘୋଡାରେ ବସି ପର୍ବତ ପାଖକୁ ଛୁଟିଲେ । ବାଟରେ ହ୍ରଦ ପଡ଼ିଲା । ହ୍ରଦ ପାର ହେବା ଲାଗି ନାଉରୀକୁ ଡାକିଲେ । ନାଉରୀ ଦେଖିଲା, ଏଇଠି ରାଜାଙ୍କୁ କାତଟି ଧରାଇ ସେ ମୁକ୍ତି ପାଇବ । ତେଣୁ ସେ ନାଉରୀ ରାଜାଙ୍କୁ କହିଲା, "ମହାରାଜ, ମୁଁ ଆଜି ନାହା ବୁହାଇ ବୁହାଇ ହାଲିଆ ହୋଇ ପଡ଼ିଛି ଆଉ କାତ ମାରି ପାରିବି ନାହିଁ । ଆପଣ କାତଟି ନିଅନ୍ତୁ । ଡଙ୍ଗା ଚଳାଇ ହ୍ରଦ ପରି ହୋଇଯାଆନ୍ତୁ । ରାଜାଙ୍କୁ ତ ହୀରା ନୀଳାର ଲୋଭ ଲାଗିଛି । ସେ କଣ ଭଲମନ୍ଦ କଥା ଭାବିପାରୁଛନ୍ତି । ସଙ୍ଗେ ସଙ୍ଗେ ଡଙ୍ଗାରେ ଚଢ଼ି କାତଟିକୁ ଧରିଲେ । ଡଙ୍ଗା ବୁହାଇଲେ । ନାଉରୀ ରାଜାଙ୍କୁ କାତଟି ଧରାଇ ଦେଇ ଡଙ୍ଗାରୁ କୂଳକୁ ଚାଲିଆସିଲା । ରାଜା ତ ଡଙ୍ଗା ବୁହାଇ ଚାଲିଲେ । କିନ୍ତୁ ଡଙ୍ଗାରୁ ବାହାରି ପାରିଲେ ନାହିଁ କି ହ୍ରଦ ପାରି ହୋଇ ପାରିଲେ ନାହିଁ । ଡଙ୍ଗାରେ ବସି ହ୍ରଦ ଚାରି ପାଖ ଘୁରି ବୁଲିଲେ । ଦିନ ପରେ ଦିନ ଗଡ଼ି ଚାଲିଲା । ରାଜା ଆଉ ଡଙ୍ଗାରୁ ଓହ୍ଲାଇ ପାରିଲେ ନାହିଁ । ହ୍ରଦ ଚାରିପଟେ ବୁଲୁଥାଆନ୍ତି ।

ରାଜା ନ ଫେରିବାରୁ ବାଳକଟି ସବୁ କଥା ଜାଣି ପାରିଲା । ନାଉରୀ କାତ ରାଜାଙ୍କୁତ ଧରାଇଛି । ତେଣୁ ରାଜା ଆଉ ହ୍ରଦରୁ ଆସି ପାରିବେ ନାହିଁ—ବାଳକଟି ରାଜା ହୋଇ ରାଜ୍ୟ ଚଳାଇଲା । ଜ୍ୟୋତିଷଙ୍କ ଗଣନା ସତ ହେଲା ।

ଯେ ପ୍ରାଣୀ ପାଞ୍ଚେ ପର ମନ୍ଦ

ତା ମନ୍ଦ ପାଞ୍ଚନ୍ତି ଗୋବିନ୍ଦ ।



ସଭିଏଁ ଚୋର

ଗୋଟିଏ ଦେଶରେ ଜଣେ ରଜା ଥିଲେ । ତାଙ୍କ ରାଜ୍ୟରେ ଚୋରି ଡକାୟତି ଆଦୌ ହେଉ ନଥିଲା । ଯେ ଚୋରି କଲା କି ଡକାୟତି କଲା ତାକୁ ସଙ୍ଗେ ସଙ୍ଗେ ଫାଶୀ ଦଣ୍ଡ ଦିଆ ଯାଉଥିଲା ।

ସେହି ରାଜ୍ୟରେ ଚୂଡ଼ାମଣି ନାମରେ ଜଣେ ଚତୁର ଲୋକ ବାସ କରୁଥିଲା । ସେ ଦିନେ ଭାବିଲା ଫାଶୀଦଣ୍ଡ ଆଇନକୁ ବଦଳାଇ ଦେବାକୁ ପଡ଼ିବ । ରାଜ୍ୟରେ କିଏ ବା ଚୋରି, ଡକାୟତି କରୁ ନାହାନ୍ତି । ଏପରି କି ଯେଉଁ ରଜା ଶାସନ କରୁଛନ୍ତି ସେ କ'ଣ ଜଣେ ଡକାୟତ ନୁହନ୍ତି । ଏହା ଭାବି ଦିନେ ରାତିରେ ଜଣଙ୍କ ଘରେ ପଶି ଚୋରିକଲା । ଧରା ପଡ଼ିଲା । ରାଜ୍ୟର ପ୍ରଚଳିତ ଆଇନ ଅନୁସାରେ ତାକୁ ଫାଶୀଦଣ୍ଡ ହୁକୁମ ହେଲା । ଯେଉଁଦିନ ଫାଶୀ ଦିଆଯିବ ସେ ଦିନଟି ମଧ୍ୟ ଶୁଣାଇ ଦିଆଗଲା । ଚୂଡ଼ାମଣି ଏକ ଉପାୟ ସ୍ଥିର କରି ମନେ ମନେ ରଖିଲା ।

ଯେଉଁଦିନ ଫାଶୀ ଦିଆଯିବାର କଥା, କଟୁଆଳମାନେ ଚୂଡ଼ାମଣିକୁ ନେଇ ଫାଶୀ ଖୁଣ୍ଟ ପାଖରେ ଠିଆ କରାଇଲେ । ଚୂଡ଼ାମଣି କଟୁଆଳମାନଙ୍କୁ କହିଲା, ତୁମ୍ଭେମାନେ ତ ବର୍ତ୍ତମାନ ଅଳ୍ପ କିଛି ସମୟ ପରେ ମୋତେ ଫାଶୀ ଖୁଣ୍ଟରେ ଝୁଲାଇ ଦେବ । ତାହା ପୂର୍ବରୁ ମୁଁ ଟିକେ ରଜାଙ୍କୁ ଦେଖା କରି କେଇପଦ କଥା କହି ମରିବି ।

କଟୁଆଳମାନେ ଯାଇଁ ରଜାଙ୍କୁ ଜଣାଇଲେ । ରଜା ଚୂଡ଼ାମଣିଙ୍କ ପାଖକୁ ଆସିଲେ । ଚୂଡ଼ାମଣି ରଜାଙ୍କୁ କହିଲା, "ମହାରାଜ, ଆପଣ ଯେଉଁ ନ୍ୟାୟ ବିଚାର ଦେଇଛନ୍ତି ତାହା ଯଥାର୍ଥ ହୋଇଛି । ବୁଢ଼ା ହଡ଼ା ହୋଇ ରୋଗ ଯନ୍ତ୍ରଣାରେ ଛଟପଟ ହୋଇ ମରିବା ଅପେକ୍ଷା ଫାଶୀ ଖୁଣ୍ଟରେ ଝୁଲି ଠକ କରି ମରିଯିବା ଭାରି ଭଲ । ତେବେ ଏତିକି କଥା –ମୁଁ ମରିବା ପାଇଁ ଯେତିକି ଦୁଃଖିତ ନୁହେଁ, ମୁଁ ମଲାପରେ ମୋ ବିଦ୍ୟାଟା ଯେ ଲୋପ ହୋଇଯିବ, ଏଇଥିପାଇଁ ଦୁଃଖିତ । ମୁଁ ଯେଉଁ ବିଦ୍ୟା ଜାଣିଛି, ସେହି ବିଦ୍ୟାଦ୍ୱାରା ଆପଣଙ୍କର ବେଶୀ ଲାଭ ହେବ । ତେଣୁ ଆପଣଙ୍କୁ ହିଁ ସେ ବିଦ୍ୟାଟି ଦେବାଲାଗି ଇଚ୍ଛା କରିଅଛି ।

ରାଜା ଚୂଡ଼ାମଣି କଥା ଶୁଣି କହିଲେ, ତୁମ୍ଭ ପାଖରେ ଏପରି କି ବିଦ୍ୟା ଅଛି ଯେ, ଯାହାଦ୍ୱାରା ମୋର ଲାଭହେବ । ତେବେ ଶୀଘ୍ର ସେହି ବିଦ୍ୟାଟା କଅଣ ମୋତେ ଦିଅ ।

ରାଜା ଓ .ଚୂଡ଼ାମଣି ଫାଶୀଖୁଣ୍ଟ ଠାରୁ ଦୂରକୁ ଗଲେ । ଚୂଡ଼ାମଣି ଗୋଟିଏ ମନ୍ତ୍ର ଲେଖି ନେଇଥିଲେ । ମନ୍ତ୍ରଟି ରାଜାଙ୍କୁ ଦେଇ କହିଲେ, ‘‘ଆପଣ ଏହି ମନ୍ତ୍ରଟି ପାଠକରି ଜମିରେ କିଛି ଅଳ୍ପ ସୁନା ବୁଣିଲେ ସେଥିରୁ ଯେଉଁ ଗଛ ହେବ ସେଥିରେ ବହୁତ ସୁନା ଫଳିବ । ଆପଣଙ୍କ ରାଜକୋଷ ସବୁବେଳେ ସୁନାରେ ପରିପୂର୍ଣ୍ଣ ହୋଇ ରହିବ । ହଁ, ଆଉ ଗୋଟିଏ କଥା ମନେ ରଖନ୍ତୁ; ଯେଉଁ ଲୋକ ଇଚ୍ଛା ସେହି ଲୋକ ଏହି ମନ୍ତ୍ର ପଢ଼ି ସୁନା ବୁଣିଲେ ଗଛ ହେବ ନାହିଁ ।

ରାଜା ପଚାରିଲେ--ତେବେ କିଏ ଏହି ମନ୍ତ୍ର ପାଠକରି ସୁନା ବୁଣିଲେ ଗଛ ହେବ ? ଚୂଡ଼ାମଣି କହିଲା--‘‘ଯେଉଁ ଲୋକ ତା’ ଜୀବନରେ କେବେହେଁ ଚୋରି କରି ନ ଥିବ, ପରଧନ ଅପହରଣ କରି ନ ଥିବ, ଏହିପରି ଲୋକ ଯଦି ମନ୍ତ୍ରପାଠ କରି ସୁନା ବୁଣିବ ତେବେ ଯାଇ ଗଛ ହେବ । ସେହି ଗଛରେ ସୁନା ଫଳିବ ।

ଚୂଡ଼ାମଣିଙ୍କ ମନ୍ତ୍ର ପରୀକ୍ଷା କରି ସତ କି ମିଛ ଜାଣିବା ପର୍ଯ୍ୟନ୍ତ ରାଜା ଚୂଡ଼ାମଣିଙ୍କ ଫାଶୀଦଣ୍ଡ ବାତିଲ କରି ତାଙ୍କୁ ଜେଲଖାନାରେ ରଖିଲେ ।

ପ୍ରଥମେ କଟୁଆଳଙ୍କ ଦ୍ୱାରା ଏହି ମନ୍ତ୍ରକୁ ପରୀକ୍ଷା କରିବାଲାଗି ଠିକ୍ କଲେ । କାରଣ--କଟୁଆଳମାନେ ତ ଚୋର ଧରନ୍ତି , ସେମାନେ କେବେହେଁ ଚୋରି କରନ୍ତି ନାହିଁ ବୋଲି ରାଜାଙ୍କର ବିଶ୍ୱାସ ଥିଲା । ତେଣୁ ରାଜା କଟୁଆଳମାନଙ୍କୁ ଡାକି ମନ୍ତ୍ରଟି ଦେଲେ । କିଛି ସୁନା ଓ ବଗିଚାରେ ଖଣ୍ଡିଏ ଜମି ଦେଲେ । ଜମିକୁ ଚାଷକରି ସୁନାତକ ବୁଣିବା ଲାଗି କହିଲେ । କଟୁଆଳମାନେ ଗୋଟିଏ ଭଲ ଦିନ ଦେଖି ଜମି ଖଣ୍ଡିକ ହଳ କଲେ । ମନ୍ତ୍ରପାଠ କରି ସୁନାତକ ବୁଣି ଦେଇ ଆସିଲେ । ଚାହୁଁ ଚାହୁଁ ଚାରି ମାସ ଗତ ହୋଇଗଲା । ଗଛ ଉଠିଲା ନାହିଁ । ରାଜା ଯାଇ ଚୂଡ଼ାମଣିଙ୍କୁ ପଚାରିଲେ, ‘‘କିହୋ, ତୁମ କଥା ଅନୁସାରେ ସବୁ ତ କରାଗଲା । ଆଜକୁ ଚାରିମାସ ହେଲା ସୁନା ତ ବୁଣାଗଲାଣି, କାହିଁ ଗୋଟିଏ ହେଲେ ତ ଗଛ ଉଠିଲା ନାହିଁ । କଥା କଅଣ ?

ଚୂଡ଼ାମଣି କହିଲା, ‘‘ମହାରାଜ--ମୋର ସନ୍ଦେହ ହେଉଛି, ଏ କଟୁଆଳମାନେ ନିଶ୍ଚୟ ଚୋରି କରିଛନ୍ତି । ତାଙ୍କୁ ଡାକି ଅଲଗା ଜାଗାରେ ପଚାରି ବୁଝନ୍ତୁ ।’’

ରାଜା କଟୁଆଳମାନଙ୍କୁ ଡାକି ପଚାରିଲେ । କଟୁଆଳମାନେ କହିଲେ, ‘‘ମହାରାଜ....ଆପଣଙ୍କ ପାଖେ କାହିଁକି ମିଛ କହିବୁ ? ଅନେକ ଦିନ ତଳେ ଦଳେ ଚୋର ଚୋରି କରି ବହୁତ ଧନରତ୍ନ ନେଇ ଯାଉଥିଲେ । ଆମ୍ଭେମାନେ ରାତିରେ ପହରା ଦେଲାବେଳେ ସେମାନଙ୍କୁ

ଧରିଲୁ । ଚୋରମାନେ ଆମକୁ ଅଧେ ଧନ ଦେବାକୁ କହିବାରୁ ଆମ୍ଭେମାନେ ସେମାନଙ୍କଠାରୁ ଅଧେ ଧନ ରଖି ତାଙ୍କୁ ଛାଡ଼ିଦେଲୁ ।" ଆମ୍ଭେମାନେ ସିନା ଚୋରି କଲୁ ନାହିଁ । କିନ୍ତୁ ଚୋରାଧନ ତ ରଖିଲୁ । ରାଜା ଦେଖିଲେ କଟୁଆଳମାନେ ମଧ୍ୟ ଚୋର । ତେଣୁ ବୋଧହୁଏ ମନ୍ତ୍ର କାମ କଲା ନାହିଁ ।

ତାପରେ ରାଜା ତାଙ୍କ ରାଜ୍ୟର ଜଣେ ଧନୀ ସୌଦାଗରଙ୍କୁ ଡାକି ଏହି କାର୍ଯ୍ୟ କରାଇଲେ । କାରଣ ରାଜାଙ୍କର ଧାରଣା ଧନୀ ସୌଦାଗରଙ୍କର ତ ଅଜସ୍ର ଧନ ସମ୍ପତ୍ତି । ତାଙ୍କର ତ ଅଭାବ ନାହିଁ । ସେ ବା କାହିଁକି ଚୋରି କରିବେ ? ତେଣୁ ତାଙ୍କଦ୍ୱାରା ଏହି କାର୍ଯ୍ୟ ନିଶ୍ଚୟ ଫଳପ୍ରଦ ହେବ ।

ଧନୀ ସୌଦାଗର ରାଜାଙ୍କ ଡାକରା ପାଇ ଆସିଲେ । ମନ୍ତ୍ରପାଠ କରି ଜମିରେ ସୁନା ବୁଣିଲେ । କିନ୍ତୁ ବର୍ଷେ ଗତ ହୋଇଗଲେ ମଧ୍ୟ ଗଛ ଉଠିଲା ନାହିଁ । ରାଜାଙ୍କର ଧନୀ ସୌଦାଗରଙ୍କ ପ୍ରତି ଅବିଶ୍ୱାସ ହେଲା । ସେ ତେବେ କ'ଣ ଚୋରିକରି ଏତେ ଧନ ସମ୍ପତ୍ତି କମାଇ ଅଛନ୍ତି । ରାଜା ସୌଦାଗରଙ୍କୁ ଡାକି ପଚାରିଲେ, ସୌଦାଗର କହିଲେ, "ମହାରାଜ, ମୁଁ ମୋ ଜୀବନରେ ଚୋରି କରି ନାହିଁ ସତ, କିନ୍ତୁ ଚୋରିଠାରୁ ଆହୁରି ଖରାପ କାମ କରି ଧନ କମେଇଛି । ଲୋକମାନଙ୍କୁ ଟଙ୍କା ଧାନ କରଜ ଦେଇ ଚଢ଼ା ଦରରେ ସୁଧ ଆଦାୟ କରିଛି । ଯେଉଁମାନେ ଟଙ୍କା କିମ୍ବା ଧାନ ନ ଦେଇ ପାରିଛନ୍ତି ସେମାନଙ୍କ ଜମି ବାଡ଼ି ନିଲାମ କରି ଆଣିଛି । ଧାନରେ ଅଗାଡ଼ି, ଚାଉଳରେ ଗୋଡ଼ି ମିଶାଇ ଅଧିକ ଦରରେ ବିକି ବହୁତ ଲାଭ କରିଛି । ଏହିପରି ମୋର ଧନ ବଢ଼ିଅଛି ।

ରାଜା ଦେଖିଲେ ଧନୀ ସୌଦାଗର ଯଦିଓ ଚୋରୀ ନ କରିଛନ୍ତି ତେବେ ଏହିସବୁ ଅନ୍ୟାୟ କାର୍ଯ୍ୟ ଚୋରୀଠାରୁ ଅତି ଗର୍ହିତ । ତେଣୁ ମନ୍ତ୍ର କାମ ଦେଲା ନାହିଁ ।

ରାଜା ଦେଖିଲେ ବର୍ତ୍ତମାନ କଟୁଆଳ ଏବଂ ଧନୀ ସୌଦାଗର ମଧ୍ୟ ଚୋର ବୋଲି ଧରା ପଡ଼ିଲେ । ତେବେ କ'ଣ ରାଜ୍ୟର ସମସ୍ତ ଲୋକ ଚୋର ? ମନ୍ତ୍ରୀଙ୍କୁ ଦେଖି ପରୀକ୍ଷା କରିବା । ସେ କେବେ ଚୋରି କରି ନଥିବେ ।

ରାଜା ମନ୍ତ୍ରୀଙ୍କୁ ଡକାଇ ପଠାଇଲେ । ମନ୍ତ୍ରୀ ଆସି ଜମିରେ ସୁନା ବୁଣିଲେ । ରହୁଁ ରହୁଁ ଛଅ ମାସ ବିତିଗଲା । ଗଛଟିଏ ସୁଦ୍ଧା ଉଠିଲା ନାହିଁ । ତେଣୁ ରାଜାଙ୍କର ଚୂଡ଼ାମଣି ପ୍ରତି ସନ୍ଦେହ ହେଲା । ଚୂଡ଼ାମଣି ଫାଶୀଦଣ୍ଡରୁ ଖସିଯିବା ଲାଗି ଏପରି ଏକ କୌଶଳ କରିଛି । ରାଜା ଚୂଡ଼ାମଣିକୁ ଡାକି ପଚାରିଲେ, ତୁମର ଏ ମନ୍ତ୍ର ସୁଦ୍ଧା ମିଛ । ତୁମେ ଫାଶୀ ଦଣ୍ଡରୁ ଖସିଯିବା ଲାଗି ଏପରି ଏକ କୌଶଳ କରିଅଛ ।

ଚୂଡ଼ାମଣି କହିଲା, "ମହାରାଜ--ଏ ମନ୍ତ୍ର ଜଣେ ସିଦ୍ଧ ସନ୍ନ୍ୟାସୀ ମୋତେ ଦାନ କରିଥିଲେ । ଏହା କେବେ ମିଛ ନୁହେଁ କି ମନ୍ତ୍ର ଭୁଲ ନୁହେଁ ଆପଣ ମନ୍ତ୍ରୀଙ୍କୁ ପଚାରି ବୁଝନ୍ତୁ, ଯେ ତାଙ୍କ ଜୀବନରେ କିଛି ଅନ୍ୟାୟ କାର୍ଯ୍ୟ କରିଛନ୍ତି କି ନାହିଁ ?

ରାଜା ମନ୍ତ୍ରୀଙ୍କୁ ଡାକି ପଚାରିଲେ । ମନ୍ତ୍ରୀ କହିଲେ, ମୁଁ ଜୀବନରେ କେବେ ଚୋରି କରିନାହିଁ କି ମୋ ଉପାର୍ଜିତ ଧନରୁ କିଛି ହେଲେ ଦାନ ଧର୍ମରେ ଖର୍ଚ୍ଚ କରି ନାହିଁ । ମୋର ଖର୍ଚ୍ଚ ବାଦେ ଯାହା ବଳେ ତାକୁ ସଞ୍ଚି ରଖିଅଛି । କେବଳ ମୁଁ ଖୁବ୍ କଛି ମୋର ଚଳିବା ପାଇଁ ଯେତିକି ଧନ ଆବଶ୍ୟକ ତା'ଠାରୁ ମୁଁ ନିଶ୍ଚୟ ବେଶି ସଂଗ୍ରହ କରିଛି । ତେଣୁ ଏହା ଏକ ପ୍ରକାର ଚୋରି ବୋଲି କୁହାଯାଇପାରେ । ତେଣୁ ମୋ ଦ୍ୱାରା ଏ ମନ୍ତ୍ର କାର୍ଯ୍ୟ ହେଲା ନାହିଁ ।

ରାଜା ଦେଖିଲେ ଏ ସମସ୍ତେ ତ ଚୋର ତଳେ ଗଣା ଗଲେ । ଆଉ ସେ ନିଜେ କଅଣ ? ତାଙ୍କ ମନରେ ସନ୍ଦେହ ହେଲା । ସେ ନିଜେ ଯଦି ସୁନା ବୁଣିବେ କିନ୍ତୁ ଗଛ ଯଦି ନ ହେବ ତେବେ ସମସ୍ତେ ତ ଜାଣିଯିବେ ରାଜା ମଧ୍ୟ ଚୋର । ତେବେ ଶାସନ ଚଳିବ ନାହିଁ । ମୋର ରାଜଭଣ୍ଡାର ଯେଉଁ ଗରିବ ପ୍ରଜାଙ୍କର ଧନରେ ପରିପୂର୍ଣ୍ଣ, ସେହି ଧନରେ ମୁଁ ରାଜା ବୋଲାଉଛି । ଭୋଗବିଳାସରେ ଦିନ କଟାଉଛି । ସେହି ଧନକୁ ମୁଁ ତ ପରିଶ୍ରମ କରି ଆଣି ନାହିଁ । ଅତଏବ ମୁଁ କାହିଁକି ଚୋର ତଳେ ଗଣା ନ ହେବି ।

ରାଜା ଆଉ ନିଜକୁ ପରୀକ୍ଷା କଲେ ନାହିଁ । ସେ ଜାଣିଲେ ଏ ଦୁନିଆରେ ସମସ୍ତେ ଚୋରି କରୁଛନ୍ତି । କିଏ ପେଟବିକଳରେ ଚୋରି କରୁଛି ତ କିଏ ନିଜର ଧନସମ୍ପତ୍ତି ବଢ଼ାଇବା ଲାଗି ଅନ୍ୟକୁ ଶୋଷଣ କରୁଛି । ସମସ୍ତେ କିଛି ନା କିଛି ଅନୀତି କାର୍ଯ୍ୟ କରୁଛନ୍ତି ।

ରାଜା ଚୂଡ଼ାମଣିଙ୍କ କୌଶଳକୁ ପ୍ରଶଂସା କଲେ । ଚୂଡ଼ାମଣିକୁ ଡାକି କହିଲେ, "ତୁମେ ଏକା ଚୋର ନୁହଁ, ସମସ୍ତେ ଚୋର । ଏଣିକି ରାଜ୍ୟରୁ ଚୋରୀ ବୃତ୍ତି ପାଇଁ ଫାଶୀ ଦଣ୍ଡ ଦିଆଯିବ ନାହିଁ । ଏହା କହି ରାଜା ଚୂଡ଼ାମଣିକୁ ଫାଶୀଦଣ୍ଡରୁ ଖଲାସ କରିଦେଲେ ।

ବ୍ରାହ୍ମଣଙ୍କୁ ସିଂହାସନ [illegible]

ଗୋଟିଏ ଗାଁରେ ଗରିବ ବ୍ରାହ୍ମଣଟିଏ ବାସ କରୁଥିଲା । ତା'ର କୌଣସି ଭୂସମ୍ପତ୍ତି ନ ଥିଲା । ବ୍ରାହ୍ମଣଟି ସକାଳୁ ଉଠେ । ଗାଧୁଆ ପାଧୁଆ କାମ ଶେଷ କରି ଘର ଦିଅଁଙ୍କର ସେବା ପୂଜା ସାରି ଭିକ ମାଗିବାକୁ ଯାଏ । ଦିନଯାକ ବୁଲି ବୁଲି ଘର ଘର ଭିକ ମାଗେ ନାହିଁ । ଗୋଟିଏ କିମ୍ବା ଦୁଇଟି ଦ୍ୱାରରୁ ଯାହା ମିଳେ ସେତକ ଧରି ଘରକୁ ଆସେ । ବ୍ରାହ୍ମଣୀକୁ ଦିଏ । ବ୍ରାହ୍ମଣୀ ସେତକ ରାନ୍ଧିଦିଏ । ରନ୍ଧା ସରିଲେ ବ୍ରାହ୍ମଣ ସେତକ ଠାକୁରଙ୍କୁ ଭୋଗ ଦେଇ ଖାଏ । ସବୁ ତ ଖାଏ ନାହିଁ । ଅଧେ ଖାଇ ଅଧେ ବ୍ରାହ୍ମଣୀ ପାଇଁ ଛାଡ଼ିଯାଏ । ବ୍ରାହ୍ମଣ ଉଠି ଆସିଲେ ବ୍ରାହ୍ମଣୀ ସେହି ପତରରେ ବସିଯାଏ । ଖିଆ ପିଆ ସରିଲେ ବ୍ରାହ୍ମଣ ଟିକିଏ ବିଶ୍ରାମ ନିଏ । ବ୍ରାହ୍ମଣୀ ବାସନକୁସନ ମଜାମଜି କରିଦେଇ ସାହି ବୁଲିଯାଏ । ଓପର ଓଳି ବ୍ରାହ୍ମଣ ଗାଁ ଭାଗବତ ଘରକୁ ଯାଇ ଗାଁ ଲୋକଙ୍କୁ ପୁରାଣ ଶୁଣାଏ । ଏହିପରି ବ୍ରାହ୍ମଣର ଦିନଟି ଆନନ୍ଦରେ କଟିଯାଉଥାଏ । ଠାକୁର ସେବା କରିବା, ଭିକ ମାଗିବା, ଲୋକଙ୍କୁ ଶାସ୍ତ୍ରପୁରାଣ ଶୁଣାଇବାରେ ତାର ଆନନ୍ଦ ।

ଦିନେ ବ୍ରାହ୍ମଣ ସକାଳୁ ନିତ୍ୟକର୍ମ ସାରି, ଠାକୁର ପୂଜା କରି ଭିକ ମାଗିବାକୁ ବାହାରିଗଲା । ସେ ଦିନ ଯାହା ଦ୍ୱାରକୁ ଗଲା କେହି ମୁଠେ ହେଲେ ଚାଉଳ ଦେଲେ ନାହିଁ । ଗାଁ ଗୋଟାକ ବୁଲି ଆସିଲା ପଛେ ମୁଠିଏ ହେଲେ ଚାଉଳ ମିଳିଲା ନାହିଁ । ବ୍ରାହ୍ମଣ ବିଚରା ନିରାଶ ହୋଇ ଘରକୁ ଫେରୁଥାଏ, ମନେ ମନେ ଭାବୁଥାଏ, ଠାକୁରଙ୍କର ଆଜି ପଡ଼ିକାଟ । ଜଳତୁଳସୀ ହିଁ ଆଜିର ବ୍ୟବସ୍ଥା ।

ଏହିପରି ବିଚାରି ଆସୁ ଆସୁ ବ୍ରାହ୍ମଣ ଗୋଟିଏ ପୋଖରୀ ପାଖରେ ପହଞ୍ଚିଲା । ପୋଖରୀରେ ଅଳ୍ପ ପାଣି ଅଛି । କିନ୍ତୁ ପଙ୍କରେ ପୂର୍ଣ୍ଣ । ଗୋଟିଏ ଗାଈ ପାଣି ପିଇବାକୁ ଯାଇ ପଙ୍କରେ ଗଳି ପଡ଼ିଛି । ଆଉ ଉଠି ଆସିପାରୁ ନାହିଁ । ପଙ୍କ ପେଟଯାଏ ବୁଡ଼ିଗଲାଣି । ବ୍ରାହ୍ମଣ ବିଚରା ଗାଈଟିକୁ ଦେଖି ସମ୍ଭାଳି ରହିପାରିଲା ନାହିଁ । ଗାଈଟିକୁ ପଙ୍କରୁ ବାହାର ନ କଲେ ଆଉ ଅଳ୍ପ ସମୟ ପରେ ଗାଈଟି ପଙ୍କ ଭିତରେ

ପୋତି ହୋଇଯିବ । ବ୍ରାହ୍ମଣ ଚାରିଆଡ଼କୁ ଚାହିଁଲା । ଆଉ କିଏ ଜଣେ ଦୁଇଜଣ ଲୋକ ହେଲେ ସିନା ଗାଈଟିକୁ ପଙ୍କରୁ ବାହାର କରିବେ ? କିନ୍ତୁ କାହାରିକୁ ହେଲେ ବ୍ରାହ୍ମଣ ସେ ବାଟରେ ଯାଉଥିବାର ଦେଖିଲା ନାହିଁ । ତେଣୁ ବ୍ରାହ୍ମଣ ନିଜେ ପୋଖରୀ ଭିତରେ ପଶିଲା । ବହୁ କଷ୍ଟରେ ଗାଈଟିକୁ ପଙ୍କ ଭିତରୁ ଭିଡ଼ି ଭିଡ଼ି ପୋଖରୀ ହୁଡ଼ାକୁ ଆଣିଲା । ଗାଈ ଦେହରୁ ପଙ୍କତକ ସଫା କରିଦେଲା । ତାପରେ ଘରକୁ ମୁହାଁଇଲା ।

ଗାଈଟିର ବ୍ରାହ୍ମଣ ପ୍ରତି ଦୟା ହେଲା । ଗାଈ ବ୍ରାହ୍ମଣକୁ କହିଲା, "ହେ ବ୍ରାହ୍ମଣ, ତୁମର ଏହି କାର୍ଯ୍ୟ ଯୋଗୁଁ ମୁଁ ଆଜି ବଞ୍ଚିଗଲି । ତୁମର ଏ ଋଣ କିପରି ସୁଝିବି ? ଏହା କହି ଗାଈଟି ତା ପାଟିରୁ ଗୋଟିଏ ପାଗୁଳି ବାହାର କରି ବ୍ରାହ୍ମଣକୁ ଦେଲା ।

ବ୍ରାହ୍ମଣ କହିଲା, "ଏଇଟାକୁ ନେଇ ମୁଁ କ'ଣ କରିବି ? ଏଥିରେ ମୋର କଣ ପେଟ ପୂରିବ ? ମୋର ଭିକମଗା ବନ୍ଦ ହେବ ? ହେଇ ଆଜି ତ ବାରଦ୍ୱାର ବୁଲି ମୁଠେ ହେଲେ ଚାଉଳ ମିଳିଲା ନାହିଁ । ଆଜି ଦିନଟି ଖାଡ଼ା ଉପାସ । ତୁମଠାରୁ ପାଗୁଳିଟି ନେଇ କ'ଣ କରିବି ?"

ଗାଈଟି କହିଲା, "ହେ ଗୋସେଇଁ, ଏହି ପାଗୁଳିଟି ତୁମର ଖୁବ ଦରକାର ହେବ ।" ଏଇଟିକୁ ନେଇ ଦି'ଫାଳ କରିଦେବ । ଏହା ଭିତରୁ ଯାହା ବାହାରିବ ତାକୁ ଚାହିଁଲେ ତୁମ ପାଖରେ ଥିବା ମଣିଷର ପୂର୍ବ ଓ ପରଜନ୍ମ କଥା ଜାଣିପାରିବ । ସେହି ମଣିଷ ପୂର୍ବ ଜନ୍ମରେ କ'ଣ ଥିଲା ଓ ପରଜନ୍ମରେ କ'ଣ ହେବ ଦିଶିବ । ଯେଉଁ ଲୋକ ପୂର୍ବଜନ୍ମରେ ମଣିଷ ଥିଲା ଏବଂ ପରଜନ୍ମରେ ମଣିଷ ହେବ ତାହାରିଠାରୁ ଭିକ ରଖିବ । ଆଉ ଯେଉଁମାନେ ପୂର୍ବଜନ୍ମରେ ମଣିଷ ନ ହୋଇ ଅନ୍ୟ କିଛି ପ୍ରାଣୀରୂପେ ଜନ୍ମ ହୋଇଥିବେ ଏବଂ ପରଜନ୍ମରେ ସେହିପରି ମଣିଷ ବ୍ୟତୀତ ଅନ୍ୟ କିଛି ପ୍ରାଣୀରୂପେ ଜନ୍ମ ହେବେ, ସେମାନଙ୍କଠାରୁ କିଛି ଗ୍ରହଣ କରିବ ନାହିଁ ।

ବ୍ରାହ୍ମଣ ଗାଈଠାରୁ ପାଗୁଳିଟି ଧରି ନିଜ ବାଟରେ ଘରକୁ ଚାଲିଲା । ବାଟରେ ପଡ଼ିଲା ରଜାଙ୍କ ଉଆସ । ଉଆସ ବାହାରେ ରଜାଙ୍କର ଗୋଟିଏ ପୋଖରୀ ଥିଲା । ସେହି ପୋଖରୀରେ ସେତେବେଳକୁ ରାଣୀ ଗାଧୋଉଥିଲେ । ରାଣୀଙ୍କୁ ଗାଧୋଉଥିବାର ଦେଖି ବ୍ରାହ୍ମଣ ପୋଖରୀ ପାଖର ଏକ ବରଗଛ ମୂଳେ ବସିଲା । ଭାବିଲା, ରାଣୀ ଗାଧୋଇ ସାରିଲେ ତାଙ୍କୁ କିଛି ଭିକ ମାଗିବ । ରାଣୀ ନିଶ୍ଚୟ କିଛି ହେଲେ ଦେବେ । ଏହା ବିଚାରି ଗଛମୂଳେ ବସି ପାଗୁଳି ଭିତରୁ କାଗଜଟି ବାହାର କରି ଦେଖିଲା, ରାଣୀ ପୂର୍ବଜନ୍ମରେ ମଣିଷ ଥିଲେ । ପରଜନ୍ମରେ ମଣିଷ ମଧ୍ୟ ହେବେ । ତାହାହେଲେ ଗାଈ କହିଥିବା ଅନୁସାରେ ଏହାଙ୍କଠାରୁ ଭିକ୍ଷା ଗ୍ରହଣ କରିବା ଉଚିତ ।

ରାଣୀ ପାଣିରୁ ଉଠି ଲୁଗାପଟା ବଦଳାଇଲେ । ଏହି ସମୟରେ ବ୍ରାହ୍ମଣ ରାଣୀଙ୍କ ପାଖେ ପହଞ୍ଚି ଭିକ୍ଷା ମାଗିଲା । ରାଣୀ ତ ଗାଧୋଇ କରି ଉଠିଛନ୍ତି । ବ୍ରାହ୍ମଣଟିଏ ପାଖରେ ଦେଖି ତାକୁ କିଛି ଦାନ କରିବା

ଲାଗି ଇଚ୍ଛା କଲେ । କ'ଣ ବା ଦେବେ । ଏ ତ ଉଆସ ହୋଇ ନାହିଁ ଯେ ଧନରତନ ରହିଛି । ଯାହା ଇଚ୍ଛା ତାହା ଦେଇଦେବେ ? ଏ ତ ପୋଖରୀ ଘାଟ । ରାଣୀଙ୍କ ହାତରେ ମୁଦିଟିଏ ଥିଲା । ସେହି ମୁଦିଟି ବାହାର କରି ରାଣୀ ବ୍ରାହ୍ମଣକୁ ଦାନ କଲେ ଏବଂ କହିଲେ, ଏହି ମୁଦିଟି ବହୁ ମୂଲ୍ୟବାନ୍ । ଯେଉଁ ଲୋକ ଏହି ମୁଦିର ମୂଲ୍ୟ ଦେଇ ପାରିବ ତାକୁ ବିକିବ ଏବଂ ସେହି ଧନରେ ଚଳିବ । ଆଉ ଭିକ ମାଗିବ ନାହିଁ ।

ରାଣୀଙ୍କର ମୁଦି ନିଶ୍ଚୟ ବହୁ ମୂଲ୍ୟବାନ୍ ହୋଇଥିବ ବୋଲି ବ୍ରାହ୍ମଣ ଭାବି ରାଜାଙ୍କ ପାଖେ ଯାଇ ପହଞ୍ଚିଲେ । ରାଜାଙ୍କୁ ମୁଦିଟି ଦେଇ ବ୍ରାହ୍ମଣ କହିଲା, "ମହାରାଜ । ଏହି ମୁଦିଟି ନେଇ ଏହାର ମୂଲ୍ୟ ମୋତେ ଦିଅନ୍ତୁ । ମୁଦି ମୋର କ'ଣ ହେବ ? ମୁଁ ଦରିଦ୍ର ବ୍ରାହ୍ମଣ । ଏହାର ମୂଲ୍ୟରେ ମୁଁ କିଛି ଖାଦ୍ୟ ପଦାର୍ଥ କିଣି ଚଳିବି ?"

ରାଜା ଦେଖିଲେ ସେହି ମୁଦିଟି ଗୋଟିଏ ସ୍ପର୍ଶମଣି । ଲୁହାରେ ବାଜିଲେ ଲୁହା ସୁନା ପାଲଟିଯିବ । ବ୍ରାହ୍ମଣ ବା ଏହାର ମୂଲ୍ୟ କାହୁଁ ବୁଝିବ ? ସମଗ୍ର ରାଜ୍ୟର ମୂଲ୍ୟ ଏହି ମୁଦିର ମୂଲ୍ୟ ସହିତ ସମାନ ହୋଇପାରିବ ନାହିଁ, ତେଣୁ ରାଜା ବ୍ରାହ୍ମଣଠାରୁ ମୁଦିଟି ନେଇ ତାଙ୍କର ରାଜ୍ୟଟି ବ୍ରାହ୍ମଣକୁ ଦେଲେ ଏବଂ ରାଜା ଓ ରାଣୀ ରାଜ୍ୟ ଛାଡ଼ି ଅନ୍ୟତ୍ର ଚାଲିଗଲେ ।

ବ୍ରାହ୍ମଣ ଏ ଘଟଣା ଦେଖି ଆଶ୍ଚର୍ଯ୍ୟ । ଭିକାରୀ ବ୍ରାହ୍ମଣ ରାଣୀଙ୍କ କୃପାରୁ ଆଜି ରାଜା । ପାତ୍ର, ମନ୍ତ୍ରୀମାନେ ଆସି ବ୍ରାହ୍ମଣକୁ ନେଇ ରାଜସିଂହାସନରେ ବସାଇ ଦେଲେ । ବ୍ରାହ୍ମଣ ରାଜା ହୋଇ ରହିଲେ । ବ୍ରାହ୍ମଣୀକୁ ରାଜଉଆସକୁ ନେଇ ଆସିଲେ । ନିଜର ଠାକୁର ତ ବ୍ରାହ୍ମଣର ଏକମାତ୍ର ସମ୍ପତ୍ତି । ସେହି ଠାକୁରଙ୍କ କଲ୍ୟାଣରୁ ବ୍ରାହ୍ମଣ ରାଜା ହୋଇ ପାରିଛି ବୋଲି ଭାବି ଠାକୁରଙ୍କ ପାଇଁ ବହୁତ ଜମିବାଡ଼ି ଖଞ୍ଜା କରିଦେଲେ । ପାତ୍ର, ମନ୍ତ୍ରୀଙ୍କୁ ଧରି ରାଜ୍ୟ ପରିଚାଳନା କଲେ ।

ମାସେ ଖଣ୍ଡେ କଟିଗଲା । ବ୍ରାହ୍ମଣ ବିଚରା ରାଜକାର୍ଯ୍ୟରେ ଦିନସାରା ଲାଗି ଲାଗି ଠାକୁରଙ୍କ ପାଖକୁ ଟିକେ ଯାଇପାରିଲା ନାହିଁ କି ପୁରାଣ ପାଠ ଟିକେ କରିବାକୁ ସମୟ ପାଇଲା ନାହିଁ । ସକାଳୁ ସଞ୍ଜଯାଏ ଖାଲି ବିଚାର । କିଏ ଚୋରି କଲା, କାହା ଜମି କିଏ ନେଇଗଲା, କେଉଁଠି ପ୍ରଜାମାନେ ଖଜଣା ନ ଦେଇ ମେଳି କଲେ, କେଉଁ ଗାଁରେ କୂଅ ନାହିଁ ତ ପୋଖରୀ ନାହିଁ, ଖୋଳାଇବାକୁ ପଡ଼ିବ । ରାଜ୍ୟର କେଉଁଠି ଦୁର୍ଭିକ୍ଷ ପଡ଼ିଲାଣି, ଲୋକେ ଖାଇବାକୁ ପାଉ ନାହାନ୍ତି । କେଉଁଠି ବନ୍ୟା, ବାତ୍ୟାରେ ଶହ ଶହ ଘରଦ୍ୱାର ଭାଙ୍ଗିଗଲାଣି । ଏହି ସବୁ କଥା ବୁଝି ବୁଝି ବ୍ରାହ୍ମଣ ବିଚରା ନସ୍ତାନ୍ତ । ଏଣେ ଉଆସରେ ବ୍ରାହ୍ମଣୀ ବିଚରୀ ରାଣୀ ହୋଇ ନାନା ଝଞ୍ଜାଳ ବୁଝିବାକୁ ପଡ଼ୁଛି । ଏସବୁ ବ୍ରାହ୍ମଣ ଓ ବ୍ରାହ୍ମଣୀକୁ ସୁଖ ଲାଗିଲା ନାହିଁ ।

ଦିନେ ବ୍ରାହ୍ମଣ ଓ ବ୍ରାହ୍ମଣୀ ବସି କଥାବାର୍ତ୍ତା ହେଉଥିଲେ । ବ୍ରାହ୍ମଣୀ କହିଲା, ଆମର ଏ ରାଜସିଂହାସନ ଦରକାର ନାହିଁ । ଆମର

ସେଇ ଭିକ୍ଷାବୃତ୍ତି ଆମକୁ ଯେଉଁ ଶାନ୍ତି ଦେଉଥିଲା ଏ ରାଜସିଂହାସନରେ ସେ ଶାନ୍ତି ନାହିଁ । ଚାଲ ରାଜାଙ୍କୁ ତାଙ୍କ ରାଜ୍ୟ ଦେଇ ଆମର ସେଇ ଘରେ ଯାଇ ରହିବା ।

ବ୍ରାହ୍ମଣୀ କଥା ବ୍ରାହ୍ମଣ ମନକୁ ବେଶ୍ ପାଇଲା । ରାଜାଙ୍କୁ ଖୋଜିବା ପାଇଁ ବ୍ରାହ୍ମଣକୁ ବେଶି ସମୟ ଲାଗିଲା ନାହିଁ । ରାଜା ସେହି ରାଜ୍ୟ ବାହାରେ ଗୋଟିଏ ଉଆସ ତୋଳି ରହିଥିଲେ । ବ୍ରାହ୍ମଣ ଯାଇ ରାଜାଙ୍କୁ ସବୁ ଦୁଃଖ କହିଲା । ଆଉ ସେ ରାଜା ହେବାକୁ ଇଚ୍ଛା କରେ ନାହିଁ ବୋଲି ଜଣାଇଲା । ଧନ ସମ୍ପତ୍ତି ମନୁଷ୍ୟକୁ ଶାନ୍ତି ଦିଏ ନାହିଁ, ବ୍ରାହ୍ମଣ ଏହା ବୁଝି ରାଜାଙ୍କୁ ସିଂହାସନ ଫେରାଇ ଦେଲା । ବ୍ରାହ୍ମଣ ସ୍ତ୍ରୀକୁ ଧରି ନିଜ ଘରକୁ ଫେରିଲା । ରାଜ୍ୟ ବ୍ରାହ୍ମଣର ବୋଲି ବିଚାର କରି ରାଜା ପ୍ରତିନିଧି ରୂପେ ରାଜ୍ୟଶାସନ କଲେ । ବ୍ରାହ୍ମଣର ବର୍ଷକ ଚଳିବା ଲାଗି କିଛି ଜମି ବାଡ଼ି ଖଞ୍ଜି ଦେଲେ । ବ୍ରାହ୍ମଣ ସେହି ଜମି ଚାଷ କରି ଚଳିଲା ।

———

Digitalization by :-
Deb’s Library Corner…
Telegram link :-https://t.me/debslibrarycorner

ଗଉଡୁଣୀର ଗଙ୍ଗା ପାରି

ଜଣେ ବଡ ପଣ୍ଡିତ ଗଙ୍ଗାନଦୀ କୂଳରେ ଏକ ଗ୍ରାମରେ ବାସ କରୁଥିଲେ । ତାଙ୍କର ଅଗାଧ ଜ୍ଞାନ ଥିଲା । ଜଣେ ଭଲ ପଣ୍ଡିତ ହିସାବରେ ତାଙ୍କର ନାଁ ପଡୁଥିଲା । ବହୁ ଦୂର ଦୂରାନ୍ତରରୁ ବହୁତ ଜ୍ଞାନୀ ଲୋକ ପଣ୍ଡିତଙ୍କ ପାଖକୁ ଆସୁଥିଲେ । ତାଙ୍କଠାରୁ ବହୁତ କଥା ଶିକ୍ଷା କରି ଯାଉଥିଲେ ।

ଗଉଡୁଣୀଟିଏ ତାଙ୍କୁ ପ୍ରତିଦିନ କ୍ଷୀର ଦେଉଥିଲା । ଗଉଡୁଣୀଟିର ଘର ଗଙ୍ଗାନଦୀ ଆରପଟେ ଥିଲା । ଗଉଡୁଣୀକୁ ପ୍ରତିଦିନ ଗଙ୍ଗାନଦୀ ପାର ହୋଇ ପଣ୍ଡିତଙ୍କ ଘରକୁ ଆସିବାକୁ ପଡୁଥିଲା । ସକାଳୁ ଗଉଡୁଣୀଟି କ୍ଷୀର ଢାଳଟିଏ ଧରି ନଦୀକୂଳକୁ ଆସେ । ନାଉରି ଆସିଲେ, ସେ ଯାଇ ପାରି ହୋଇ ଆସେ । ନାଉରି ହାତର କଥା । ସେ ଯେତେବେଳେ ଆସିବ ଗଉଡୁଣୀ ସେତେବେଳେ ଯାଇ ପାରି ହେବ । ଏହାଦ୍ୱାରା ପଣ୍ଡିତଙ୍କର କ୍ଷୀର ପାଇବାରେ ପ୍ରତିଦିନ ଡେରି ହେଉଥିଲା ।

ଦିନେ ଗଉଡୁଣୀ ବେଳ ଛ ଘଡିକୁ କ୍ଷୀର ନେଇ ଆସି ପଣ୍ଡିତଙ୍କ ଘରେ ପହଞ୍ଚିଲା । ପଣ୍ଡିତେ କୁଆଡେ ଯିବେ ବୋଲି ଗଉଡୁଣୀକୁ ରହି ରହି ବିରକ୍ତ ହୋଇ ପଡିଲେଣି । ଏହି ସମୟରେ ଗଉଡୁଣୀ ଆସି ପହଞ୍ଚି ଯିବାରୁ ପଣ୍ଡିତେ ଖୁବ୍ ଖପା ହୋଇ କହିଲେ, ତୁ ଯଦି ସକାଳୁ ଆସି କ୍ଷୀର ଦେଇ ନ ପାରିବୁ ତେବେ ମୋତେ ମନା କରି ଦେ । ମୁଁ ଅନ୍ୟଠାରୁ କ୍ଷୀର ଯୋଗାଡ କରିବି ? ଆଜି ଦିନଟି ତ ଗଲା, କାଲିଠାରୁ ଯଦି ଭୋର ଭୋର ମୋତେ କ୍ଷୀର ନ ଦେବୁ ତେବେ ଆଉ କ୍ଷୀର ଆଣି ଆସିବୁ ନାହିଁ ।

ପଣ୍ଡିତଙ୍କ ଖପା ଦେଖି ଗଉଡୁଣୀଟି ହାତଯୋଡି କହିଲା, ମହାପ୍ରଭୁ, ଯେତେ ସକାଳୁ ଆଜ୍ଞା ଆପଣ କ୍ଷୀର ରହିବେ ମୁଁ ଦେଇ-ପାରିବି; କିନ୍ତୁ ଗୋଟିଏ ଅସୁବିଧା ଏହି ନଈ ପାରିହେବା । ମୁଁ ହିନା ସକାଳୁ ସକାଳୁ କ୍ଷୀର ନେଇ ଘରୁ ଆସିବି ଭାରି । କିନ୍ତୁ ସେ ନାଉରି କ'ଣ

ସକାଳୁ ଆସୁଛି । ସେ ତା କାମଦାମ ସାରି ଘାଟକୁ ଆସିଲା ବେଳକୁ ପହରେ ବେଳ । ଏଥିରେ ମୋର ଦୋଷ କଣ ? ଆଜ୍ଞା ଆପଣ ତ ପଣ୍ଡିତ ଲୋକ । ଏ କଥା ବିଚାର କରନ୍ତୁ ।

ପଣ୍ଡିତେ କହିଲେ, ମୁଁ ସେ ସବୁ କଥା ଶୁଣିବାକୁ ଚାହେଁ ନାହିଁ । ମୁଁ ଯଦି ଠିକ୍ ସକାଳୁ ସକାଳୁ କ୍ଷୀର କାଳିଠାରୁ ନ ପାଇବି, କ୍ଷୀର ପାଇଁ ମୁଁ ଅନ୍ୟ ବନ୍ଦୋବସ୍ତ କରିବି ।

ଗଉଡୁଣୀଟି ମନ ଦୁଃଖରେ ଘରକୁ ଫେରିଲା । ତା ଆରଦିନ ଆଉ ପଣ୍ଡିତଙ୍କ ପାଇଁ କ୍ଷୀର ନେଲା ନାହିଁ । ଉପରେଓଳିକୁ ବାକି ପଇସା ପାଇଁ ପଣ୍ଡିତଙ୍କ ପାଖକୁ ଗଲା । ପଣ୍ଡିତଙ୍କ ଘରଠାରେ ପହଞ୍ଚି ଦେଖିଲା ପଣ୍ଡିତଙ୍କ ଘରେ ଏକ ସଭା ବସିଛି । ପଣ୍ଡିତେ ବସି ବିଭିନ୍ନ ଶାସ୍ତ୍ର ଆଲୋଚନା କରୁଛନ୍ତି । ଆଉ ସବୁ ଲୋକେ ଶୁଣୁଛନ୍ତି । ଗଉଡୁଣୀ ପଣ୍ଡିତଙ୍କୁ ପଇସା ମାଗିବ କ'ଣ ! ଠିଆ ହୋଇ ଶାସ୍ତ୍ର ଆଲୋଚନା ଶୁଣିଲା । ତାକୁ ସେ ସବୁ ଶୁଣିବାକୁ ଭଲ ଲାଗିଲା ।

ଶାସ୍ତ୍ର ଆଲୋଚନାରେ ପଣ୍ଡିତେ 'ହରିନାମ'ର ମାହାତ୍ମ୍ୟ ଆଲୋଚନା କରୁ ଥାଆନ୍ତି । "ଯେ ହରିନାମ ପ୍ରତିଦିନ ନିଏ ସେ ଏହି ସଂସାର ସାଗରକୁ ପାରି ହୋଇଯାଏ ।" ଅର୍ଥାତ୍ ହରିନାମ ନେଲେ ମନୁଷ୍ୟ ସବୁ ଦୁଃଖ ଜଞ୍ଜାଳରୁ ମୁକ୍ତି ଲାଭ କରେ । ଶେଷରେ ଭଗବାନଙ୍କ ସଙ୍ଗେ ମିଶିଯାଏ ।

ଗଉଡୁଣୀର ଏ କଥାଟି ବେଶ ମନକୁ ପାଇଲା । ଏହାର ପ୍ରକୃତ ଅର୍ଥ ତ ସେ ବୁଝି ପାରିଲା ନାହିଁ । ଏତିକିମାତ୍ର ସେ ବୁଝିଲା, ହରିନାମ ନେଲେ ଯଦି ସଂସାର ସାଗରକୁ ମନୁଷ୍ୟ ପାରି ହୋଇ ପାରିବ, ମୁଁ ତେବେ ହରିନାମ ଉଚ୍ଚାରଣ କରି ଏହି ଗଙ୍ଗା ନଦୀକୁ ପାର ନ ହୋଇ ପାରିବି କାହିଁକି ? କଥା ତ ଏଠାରେ ଅଛି । ପଣ୍ଡିତେ ସେଥିଲାଗି ମୋ ଉପରେ ଖପା ହୋଇ ସକାଳୁ କ୍ଷୀର ଆଣି ଦେବାକୁ କହିଥିଲେ ? ଆଚ୍ଛା କାଲି ବଡ଼ି ସକାଳୁ କ୍ଷୀର ଆଣି ପଣ୍ଡିତଙ୍କୁ ଦେବି । ଏହା ମନେ ମନେ ଭାବି 'ହରିନାମ' 'ହରିନାମ', କହି କହି ଘରକୁ ଚାଲିଗଲା । ଆଉ ପଣ୍ଡିତଙ୍କୁ ପଇସା ମାଗିଲା ନାହିଁ ।

ତା ଆରଦିନ ସକାଳୁ ସକାଳୁ ଗଉଡୁଣୀ କ୍ଷୀର ଢାଳଟି ଧରି ପଣ୍ଡିତଙ୍କ ଘରକୁ ବାହାରି ପଡ଼ିଲା । ନଈକୂଳରେ ପହଞ୍ଚି ଆଉ ନାଉରିକୁ ଅପେକ୍ଷା କଲା ନାହିଁ । ହରିନାମ ଉଚ୍ଚାରଣ କରି ନଦୀ ପାଣିକୁ ଓହ୍ଲାଇପଡ଼ି ଚାଲିବାକୁ ଲାଗିଲା । ସତରେ ଗଉଡୁଣୀଟି ପାଦରେ ଚାଲି ଚାଲି ଏଡେ ବଡ଼ ଗଙ୍ଗା ନଦୀଟି ପାରି ହୋଇଗଲା । ଖେଳୁ ଖେଳୁ ଆସି ପଣ୍ଡିତଙ୍କ ପାଖେ ପହଞ୍ଚି କ୍ଷୀର ଢାଳଟି ଥୋଇଦେଲା ।

ଆଜି ଗଉଡୁଣୀକୁ ଖେଳୁ ଖେଳୁ ଆସିବାର ଦେଖି ପଣ୍ଡିତେ ପଚାରିଲେ, "ସବୁଦିନ ତ ବେଳ ଛ ଘଡ଼ିକୁ କ୍ଷୀର ଘେନି ଆସୁଥିଲୁ ।

ଆଜି କେମିତି ଏତେ ସକାଳୁ ଆସିଲୁ ? ଆଜି କେମିତି ନାଉରି ସକାଳୁ ଆସି ପାରି କରିଦେଲା ।

ଗଉଡୁଣୀ କହିଲା, ''ନାହିଁ ଆଜ୍ଞା, ନାଉରି କଣ ଶେଯରୁ ଉଠିବଣି ଯେ ମୋତେ ଆସି ପାରି କରିବ ? '' ପଣ୍ଡିତେ ପଚାରିଲେ, ତେବେ ତୁ ଆଜି କେମିତି ନଈ ପାରି ହେଲୁ କହିଲୁ ?'' ତୁ ଖରି ଚାଲୁକ । ଆଜିଯାଏ ମୋତେ ଫାଙ୍କି ମାରି ତୋ ସୁବିଧାରେ ଆସୁଥିଲୁ । ଯେପରି ଦୁଇପଦ କଡା କଥା ଶୁଣିଲୁ, ମନରେ ତୋର ଚେତା ପଶିଲା । ତେଣୁ ସକାଳୁ ସକାଳୁ ଦଉଡ଼ିଲୁ, ନା, ଆଉ କ'ଣ ?'

ଗଉଡୁଣୀ କହିଲା, 'ନା, ମହାପୁରୁ, ମୁଁ ତ ମୂର୍ଖ ଲୋକ । ମୁଁ ଆଜ୍ଞା ଆପଣଙ୍କୁ କାହିଁକି ଫାଙ୍କିବି ? କାଲି ଆପଣ ଯେତେବେଳେ ଶାସ୍ତ୍ର ଆଲୋଚନା କରୁଥିଲେ, ସେତେବେଳେ ଆପଣ କହୁଥିଲେ ''ହରିନାମ ଧରି ମନୁଷ୍ୟ ସଂସାର ସାଗରରୁ ପାର ହୋଇ ଯାଇ ପାରିବ । '' ସେଇ କଥା ମୁଁ ଶୁଣିଥିଲି । ମୁଁ ମନେ ମନେ ଭାବିଲି ହରିନାମ ଧରି ମନୁଷ୍ୟ ଯଦି ସାଗର ପାର ହୋଇ ପାରିବ, ତେବେ ହରିନାମ ବଳରେ ମୁଁ ଏହି ଗଙ୍ଗାନଦୀକୁ ପାରି ନ ହୋଇ ପାରିବି କାହିଁକି ? ସେହି ହରିନାମ ଧରି ଆଜି ସକାଳୁ ନଈ ଭିତରେ ପଶିଲି । ଚାଲି ଚାଲି ନଈ ପାରି ହୋଇ-ଗଲି ।

ଗଉଡୁଣୀ କଥା ଶୁଣି ପଣ୍ଡିତେ ଆଶ୍ଚର୍ଯ୍ୟ ହୋଇଗଲେ । କିନ୍ତୁ ବିଶ୍ୱାସ କରି ପାରିଲେ ନାହିଁ । ଗଉଡୁଣୀ କ୍ଷୀରତକ ଦେଇ ଘରକୁ ମୁହାଁଇଲା । ଏହି କଥାର ସତ୍ୟତା ଜାଣିବା ପାଇଁ ପଣ୍ଡିତେ ଗଉଡୁଣୀ ସଙ୍ଗେ ନଦୀ କୂଳକୁ ଆସିଲେ । ଗଉଡୁଣୀ ହରିନାମ ଉଚ୍ଚାରଣ କରି ନଈ ଭିତରେ ପଶିଲା ଏବଂ ନଈ ଭିତରେ ଚାଲିବାକୁ ଲାଗିଲା । ପଣ୍ଡିତେ ମଧ୍ୟ ହରି ନାମ ଜପି ନଈ ଭିତରେ ପଶିଲେ । କିନ୍ତୁ ଦେଖିଲେ ଗଉଡୁଣୀ ଆଣ୍ଠୁଏ ପାଣିରେ ଚାଲିଛି; କିନ୍ତୁ ପଣ୍ଡିତଙ୍କ ଗୋଡ ତଳେ ଲାଗୁ ନାହିଁ । ପଣ୍ଡିତେ ଖୁବ ଉଚ୍ଚ ସ୍ୱରରେ ହରିନାମ ନେଲେ । ତଥାପି ତାଙ୍କ ଗୋଡ ତଳେ ଲାଗୁ ନାହିଁ । ପଣ୍ଡିତେ ବିଚରା ପାଣିରେ ଉବେଇ ଟୁବେଇ ହୋଇ ନଈ ସୁଅରେ ଭାସିବାକୁ ଲାଗିଲେ । ଗଙ୍ଗା ନଦୀର ଅତଳ ଗର୍ଭରେ ଲୀନ ହେଲେ । ଗଉଡୁଣୀ ନଦୀ ପାର ହୋଇ ଘରକୁ ଗଲା ।

ଗଉଡୁଣୀର ସରଳ ବିଶ୍ୱାସ ଯୋଗୁଁ ସେ ନଦୀ ପାରି ହୋଇ ପାରିଲା । ପଣ୍ଡିତଙ୍କର ସେ ବିଶ୍ୱାସ ନ ଥିବାରୁ ସେ ବୁଡି ମଲେ ।

———

ଗୁଣ ଅନୁସାରେ କାମ

ଗୋଟିଏ ଗାଁରେ ବୁଢାଟିଏ ଥିଲା । ତା'ର ଚାରି ପୁଅ; ଚାରି ବୋହୂ । ନାତି ନାତୁଣୀ ଅନେକ । ପୁଅମାନେ ବେପାର ବଣିଜ କରି ବହୁ ଧନ ରତ୍ନ ଆଣନ୍ତି । ବୋହୂମାନେ ଘର କାମରେ ସର୍ବଦା ଲାଗି-ଥାନ୍ତି । ବୁଢୀ ହାତରେ ଥାଏ ଘରର ଚାବି ।

ଦିନେ ବୁଢୀ ବୁଢାକୁ କହିଲା —ଆମେ ତ ବୁଢା ବୁଢୀ ହେଲେଣି ! ଆଉ କେତେ ଦିନ ଅବା ବଞ୍ଚିବା ? ପୁଅମାନେ ତ ସବୁବେଳେ ବେପାର ବଣିଜ ପାଇଁ ବିଦେଶରେ ଯାଇ ରହିଲେ । ଏ ବୋହୂମାନଙ୍କ ଭିତରୁ ଘର ସମ୍ଭାଳିବ କିଏ ?

ବୁଢୀ କଥା ବୁଢା ମନକୁ ପାଇଗଲା । ବୁଢା କହିଲା, ଆଚ୍ଛା, କିଛି ଦିନ ଅପେକ୍ଷା କର । କେଉଁ ବୋହୂ କେଉଁ କାମକୁ ଉପଯୁକ୍ତ ମୁଁ ବାଛି ଦେବି ।

ଦିନେ ବୁଢା ବୋହୂମାନଙ୍କୁ ପାଖକୁ ଡାକି ପ୍ରତ୍ୟେକଙ୍କୁ ପାଞ୍ଚଟି ଲେଖାଏ ଧାନ ଦେଇ କହିଲା, 'ଏଇ ନିଅ, ତୁମକୁ ମୁଁ ପାଞ୍ଚଟି ଲେଖା ଧାନ ଦେଉଛି । ଏଙ୍କୁ ସାଇତି କରି ରଖିବ । ମୁଁ ଯେଉଁଦିନ ମାଗିବି ମୋତେ ଆଣି ଦେବ ।' ବୋହୂମାନେ ଏହାର ଅର୍ଥ କିଛି ବୁଝି ପାରିଲେ ନାହିଁ । ଧାନ ବୋଲି ପାଞ୍ଚଟି ଲେଖାଏ । ତାକୁ ପୁଣି ସାଇତି ରଖିବେ । କେଉଁଦିନ ବୁଢାର ମନେ ପଡିଯିବ ସେ ମାଗିବ । ଏ ତ ବଡ ହଇରାଣିଆ କଥା ।

ବଡ ବୋହୂ ଭାବିଲା, ଧାନ ପାଞ୍ଚଟାକୁ ସାଇତି ରଖିବାକୁ ତାର ଜାଗା ନାହିଁ । ତେଣୁ ଧାନତକ ଫିଙ୍ଗିଦେଲା । ବୁଢା ଯେତେବେଳେ ମାଗିବ କୋଠିରୁ ପାଞ୍ଚଟା ଧାନ ନେଇ ଦେବ ବୋଲି ସେ ମନେ ମନେ ଠିକ୍ କଲା ।

ତା ତଳ ବୋହୂ କଣ କଲା ନା, ଧାନ ପାଞ୍ଚଟି ଚୋପା ଛଡାଇ ସାଙ୍ଗେ ସାଙ୍ଗେ ପାଟିକୁ ପକାଇ ଦେଲା ।

ସାନ ମଝିଆଁ ବୋହୂ ସବୁ ଜିନିଷକୁ ସାଇତି ରଖେ । ଯେତେ-ଟିକେ ଜିନିଷ ହେଲେ ମଧ୍ୟ ସେ ଫିଙ୍ଗି ନ ଦେଇ ତା ପେଡିରେ ପକାଇ ଦେଇଥାଏ । ସେ ଧାନ ପାଞ୍ଚଟିକୁ ଖଣ୍ଡିଏ କନାରେ ବାନ୍ଧି ତା ହାତ ବାକ୍ସରେ ସାଇତି ରଖିଲା ।

ସବା ସାନବୋହୂ ଧାନ ପାଞ୍ଚଟିକୁ ନେଇ ଭାବିଲା, ଶ୍ୱଶୁରେ ସମସ୍ତଙ୍କୁ କାହିଁକି ପାଞ୍ଚୋଟି ଲେଖାଏଁ ଧାନ ଦେଲେ, ପୁଣି ସାଇତି ରଖିବାକୁ କହିଲେ । ଏଥିରେ କିଛି କଥା ଅଛି । ପାଞ୍ଚଟା ବୋଲି ତ ଧାନ । ତଥାପି ଏହାକୁ ସାମାନ୍ୟ ଭାବିବା ଠିକ୍ ନୁହେଁ । ଏହାକୁ ପାଞ୍ଚ ଭରଣ ମଧ୍ୟ କରାଯାଇ ପାରିବ । ଏହା ଭାବି ଧାନ ପାଞ୍ଚୋଟିକୁ ତା ଭାଇ ପାଖକୁ ପଠାଇ ଦେଲା । ଭାଇ ତାର ସେହି ପାଞ୍ଚଟି ଧାନକୁ କିଆରିରେ ବୁଣି ସେ ବର୍ଷ ପାଞ୍ଚଟି ଧାନବୁଦା ପାଇଲା । ସେହି ପାଞ୍ଚଟି ଧାନବୁଦାରୁ ଯେତେ ଧାନ ହେଲା ତାକୁ ସାଇତି ରଖିଲା । ଭଉଣୀ ପାଖରୁ ଧାନ ନେବାର କିଛି ଖବର ନ ଆସିବାରୁ ଭାଇ ସେତକ ଧାନ ପୁଣି ବିଲରେ ବୁଣିଲା । ଅମଳ ସମୟରେ ସେଥିରୁ ବହୁତ ଧାନ ମିଳିଲା । ଏହିପରି ପାଞ୍ଚବର୍ଷ କଟିଗଲା । ପାଞ୍ଚ ବର୍ଷରେ ସାନ ବୋହୂର ଭାଇ ପାଞ୍ଚଟି ଧାନରୁ ପାଞ୍ଚ ଗାଡ଼ି ଧାନ ଅମଳ କରି ସାଇତି ରଖିଲା ।

ପାଞ୍ଚ ବର୍ଷ ପରେ ବୁଢାର ଧାନ କଥା ମନେପଡ଼ିଲା । ସେ ବୋହୂମାନଙ୍କୁ ଡାକି କହିଲା, ମୁଁ ତୁମକୁ ସବୁ ଯେଉଁ ଧାନ ପାଞ୍ଚଟି ଲେଖାଏଁ ଦେଇଥିଲି ତାକୁ ଆଣି ମୋତେ ଦିଅ ।

ବଡବୋହୂ ଓ ତା ତଳ ବୋହୂଙ୍କ ପାଖରେ ତ ଧାନ ନ ଥିଲା । ସେ ଦୁହେଁ କୋଠିରୁ ପାଞ୍ଚଟି ଲେଖାଏଁ ଧାନ ନେଇ ଶ୍ୱଶୁରଙ୍କୁ ଦେଲେ । ବୁଢା ଏମାନଙ୍କ ଧାନ ଦେଖି କହିଲା, ଏ ତ ମୁଁ ଦେଇଥିବା ଧାନ ନୁହେଁ । ତୁମେ ସତ କହ । ଏ ଦି ବୋହୂ ସତ କଥା ମାନିଗଲେ । ତୃତୀୟ ବୋହୂ ତା କନା ଖଣ୍ଡିକରୁ ଧାନତକ ଫିଟାଇ ଆଣି ବୁଢାକୁ ଦେଲା । ସେହି ଧାନ ପାଞ୍ଚଟି କଳା ପଡ଼ି ଯାଇଥିଲା । ବାକି ସବା ସାନ ବୋହୂକୁ ଧାନତକ ମାଗିବାରୁ ସେ ଦୁଇଦିନ ପରେ ଦେବ ବୋଲି କହିଲା । ଆଉ ବୋହୂମାନେ ସାନବୋହୂକୁ କହିଲେ ତୁ ଏତେ ଓଲିଟାଏ ଯେ ତତେ ଧାନ ପାଞ୍ଚଟା ମିଳିଲା ନାହିଁ, ତୁ ଦି ଦିନ ସମୟ ମାଗୁଛୁ ? ଆମ କୋଠିରେ ତ ଏତେ ଧାନ ଅଛି ; ସେଥିରୁ ପାଞ୍ଚଟା ଧାନ ନେଇ ଦେଉ ନାହୁଁ ?

ଦି ଦିନ ପରେ ସାନବୋହୂର ବାପଘରୁ ପାଞ୍ଚଟି ଶଗଡ ଗାଡ଼ିରେ ଧାନ ଲଦାହୋଇ ଆସି ପହଞ୍ଚିଲା । ସାନବୋହୂ ଶ୍ୱଶୁରଙ୍କୁ ଡାକି କହିଲା, ତୁମେ ଯେଉଁ ପାଞ୍ଚଟି ଧାନ ମୋତେ ଦେଇଥିଲ, ମୁଁ ସେତକ ଧାନ ମୋ ଭାଇ ପାଖକୁ ପଠାଇ ଦେଇଥିଲି । ଭାଇ ମୋର ତାକୁ ବିଲରେ ବୁଣି ପାଞ୍ଚ ବର୍ଷରେ ଏତକ ଧାନ କରି ପଠାଇଛନ୍ତି । ତୁମ ଧାନ ରଖ ।

ଏ କଥା ଦେଖି ଅନ୍ୟ ତିନି ବୋହୂ ତାଟକା ହୋଇଗଲେ । ଯେଉଁ ୫ଟି ଧାନକୁ ସେମାନେ ସାମାନ୍ୟ ମନେକରି ଫିଙ୍ଗି ଦେଇଥିଲେ

ସାନବୋହୂ ସେହି ପାଞ୍ଚଟି ଧାନରୁ ପାଞ୍ଚ ଶଗଡ ଧାନ କରି ପାରିଛି ବୋଲି ଜାଣି ଲଜ୍ଜିତ ହେଲେ ।

ବୁଢା ବୁଢୀକୁ ଡାକି କହିଲା, ଦେଖ—ମୋର ଏ ଚାରି ବୋହୂଙ୍କ ମଧ୍ୟରୁ ସାନବୋହୂକୁ ଘରର ସମସ୍ତ ଭାର ଦିଅ । କେଉଁ ଜିନିଷକୁ କିପରି ଯତ୍ନରେ ରଖିବାକୁ ହୁଏ, ତାହା ସାନବୋହୂ ଭଲ ଭାବରେ ଜାଣିଛି । ସେହି କେବଳ ପାଞ୍ଚଟି ଧାନରୁ ପାଞ୍ଚ ଶଗଡ ଧାନ କରି ପାରିଲା । ଅନ୍ୟମାନେ ପାଞ୍ଚଟି ଧାନକୁ ହେୟଜ୍ଞାନ କରି କିଏ ଫିଙ୍ଗିଦେଲା ଓ କିଏ ଖାଇ ଦେଲା ।

ବୁଢୀ କହିଲା, ତେବେ ଅନ୍ୟ ତିନିବୋହୂ କ'ଣ କରିବେ ?

ବୁଢା କହିଲା, ବଡବୋହୂ ଜିନିଷ ସବୁ ଫିଙ୍ଗି ଜାଣେ । ଧାନ ପାଞ୍ଚଟିକୁ ସେ ଫିଙ୍ଗି ଦେଇଥିଲା । ତେଣୁ ସେ ଘରଦ୍ୱାର ସଫା ସୁତୁରା କରି ଅଳିଆ ସବୁ ଫିଙ୍ଗିବା କାମ କରିବ । ତା ତଳ ବୋହୂ ଧାନତକ ଚାଉଳ କରି ପାଟିକୁ ପକାଇ ଦେଇଥିଲା । ଖାଇବା କାମ ସେ ଭଲ ଜାଣେ । ତେଣୁ ସେ ରୋଷେଇ କାମ କରିବ । ସାନ ମଝିଆଁ ବୋହୂ ଧାନତକ ସାଇତି ରଖିଥିଲା, ଜିନିଷପତ୍ର ସାଇତି ରଖିବାରେ ସେ ପଟୁ । ତେଣୁ ଭଣ୍ଡାର ଘରର ଚାବି ସେ ରଖିବ ।

ଏହିପରି ବୁଢା ବୋହୂମାନଙ୍କ ଗୁଣ ଅନୁସାରେ କାମ ବାଣ୍ଟିଦେଲା । ସବୁ ବୋହୂ ଏଥର ବୁଝି ପାରିଲେ, ଶ୍ୱଶୁର ବୁଢା କାହିଁକି ସେମାନଙ୍କୁ ପାଞ୍ଚଟି ଲେଖାଏ ଧାନ ଦେଇଥିଲେ । ଏଣିକି ଯେଝା କାମ ଯିଏ କରି ସୁଖରେ ଚଳିଲେ ।

Digitalization by :-
Deb's Library Corner...
At/P.O.-Tambahara
Via-Harichandanpur
Dist-Kendujhar
State-Odisha
Contact-9556804309
e-mail-debaraj.123456789@gmail.com
Telegram link :-https://t.me/debslibrarycorner